

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୭ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 February 2026
Vol.No. 36 ■ No.36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ଦୋହଲିଗଲା ପାକିସ୍ତାନର ରାଜଧାନୀ: ଆତ୍ମଘାତୀ ବିସ୍ଫୋରଣରେ ୩୧ ମୃତ, ୧୬୯ ଆହତ

ନୂଆଦିଲ୍ଲୀ,୬/୨ : ପାକିସ୍ତାନର ରାଜଧାନୀ ଇସଲାମାବାଦର ଏକ ମସଜିଦରେ ଶୁକ୍ରବାର ଅପରାହ୍ନରେ ଆତ୍ମଘାତୀ ବିସ୍ଫୋରଣରେ ୩୧ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଇସଲାମାବାଦର ଶେଜାଦ ସହର ଅଞ୍ଚଳରେ ଥିବା ଏହି ମସଜିଦରେ ନମାଜ ପାଠ ଚାଲିଥିବା ବେଳେ ମୁଖ୍ୟ ଦ୍ୱାର ନିକଟରେ ଘଟିଥିଲା ଏହି ବିସ୍ଫୋରଣ। 'ଦ ଟାଇମ୍ସ ଅଫ ଇସଲାମାବାଦ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମସଜିଦର ମୁଖ୍ୟ ଦ୍ୱାର ନିକଟରେ ଆକ୍ରମଣକାରୀଙ୍କୁ ଅଟକାଇଥିଲେ ସୁରକ୍ଷା କର୍ମଚାରୀ। ସେମାନେ ତାଙ୍କୁ ନମାଜ ପାଠ ଚାଲିଥିବା ମୁଖ୍ୟ ହଲ୍‌କୁ ଛାଡ଼ିବାକୁ ଅନୁମତି ଦେଇ ନଥିଲେ। ଆଉ ଏହା ପରେ ହୋଇଥିଲା ଆତ୍ମଘାତୀ ବିସ୍ଫୋରଣ। ଆକ୍ରମଣକାରୀ ନିଜକୁ ଉଡ଼ାଇ ଦେଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମସଜିଦ କ୍ଷତିଗ୍ରସ୍ତ ହେବା ସହିତ ଆଖପାଖରେ ଥିବା ଘର ଓ କୋଠାଗୁଡ଼ିକ ମଧ ଦୋହଲି ଯାଇଥିଲା। ଆଖପାଖ ଘରର କାଚ ଝରକା ଭାଙ୍ଗି ଯାଇଛି। ଅନେକ ମୃତକଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଇସଲାମାବାଦରେ ଜରୁରୀ ପରିସ୍ଥିତି ଜାରି ହୋଇଛି। ଘଟଣାସ୍ଥଳରେ ପୁଲିସ ସହିତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେମାନଙ୍କୁ



ପାକିସ୍ତାନ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସେସ୍ ଓ ପଲରକ୍ଲିନିକ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହା ପୂର୍ବରୁ ତିନି ମାସ ତଳେ ୨୦୨୫ ନଭେମ୍ବର ୧୧ ତାରିଖରେ ଇସଲାମାବାଦରେ ଏକ କୋର୍ଟ ବାହାରେ କାର ବିସ୍ଫୋରଣ ହୋଇଥିଲା। ସେଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାର ଦିନକୁ ପୂର୍ବରୁ ଭାରତର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଆତ୍ମଘାତୀ ହମଲା ହୋଇଥିଲା। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଆହତ ହୋଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଓ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଆଜି ଟ୍ରିବ୍ୟୁନାଲରେ ହେବ ମହାନଦୀ ବିବାଦର ୫୦ତମ ଶୁଣାଣି: ତଥାପି ନ୍ୟାୟ ମିଳିବା ସମ୍ଭାବନା କ୍ଷୀଣ

ଭୁବନେଶ୍ୱର, ୬/୨ (ନି.ପ୍ର): ୪୯ ତମ ଶୁଣାଣି ସରିଛି, ଆସନ୍ତାକାଲି ଟ୍ରିବ୍ୟୁନାଲରେ ହେବ ୫୦ତମ ଶୁଣାଣି । ହେଲେ ଏ ଶୁଣାଣିରେ ମହାନଦୀକୁ ଯେ ନ୍ୟାୟ ମିଳିବ ତାହା ଏବେ ବି ସନ୍ଦିହାନ। ଉଭୟ ଶାସକ-ବିରୋଧୀ ମହାନଦୀକୁ ନେଇ କାଦୁଅ ଫିଙ୍ଗା ରାଜନୀତିରେ ବ୍ୟସ୍ତ । ହେଲେ ବାସ୍ତବତା ହେଉଛି, ମହାନଦୀ ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବିଜେପି-ବିଜେଡି । ନ୍ୟାୟ ମାଗି ମାଗି ନୟାନ୍ତ ହେଲାଣି ମହାନଦୀ । ନ୍ୟାୟିକ ଲଢେଇରେ ୪୯ ଥର ଶୁଣାଣି ପରେ ବି ଫଳ ଶୂନ। ଶନିବାର ଟ୍ରିବ୍ୟୁନାଲରେ ହେବ ୫୦ତମ ଶୁଣାଣି। ଆଶା, ଆକାଂକ୍ଷା ଅନେକ ଅଛି, ହେଲେ ଫଳାଫଳ ଆସିବା



ସମ୍ଭାବନା କ୍ଷୀଣ । କେବଳ ନୂଆ ତାରିଖ ନେଇ ଫେରିବ ଓଡ଼ିଶା । ଏଭଳି ସ୍ଥିତି ଗତ ୭ ବର୍ଷ ଧରି ରାଜ୍ୟବାସୀ ଦେଖୁଛନ୍ତି। ନୂଆ ସରକାର ଆସିବା ପରେ ଟ୍ରିବ୍ୟୁନାଲ ଅପେକ୍ଷା ଆପୋଷ ବୁଝାମଣା ପାଇଁ ଅଧିକ ତତ୍ପରତା ଦେଖାଇଛି । ହେଲେ ଛତିଶଗଡରେ ଥିବା ବିଜେପି ସରକାର ଏଥିପାଇଁ ସେତେଟା ଆନ୍ତରିକତା ଦେଖାଉନାହିଁ । ଅନ୍ୟପଟେ ଏହାର କଡା ଜବାବ ରଖି ବିଧାନସଭାରେ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ। ମହାନଦୀ ପାଇଁ ବିଜେଡି କ'ଣ କରିଛି, ତାହାର ଶ୍ୱେତପତ୍ର ପ୍ରକାଶ କରୁ ବୋଲି ଦାବି କରିଛନ୍ତି । ମହାନଦୀ ବିବାଦର ସମାଧାନ ପାଇଁ କେବେ ବି ଏକସ୍ୱର ହୋଇନାହାନ୍ତି ଶାସକ ଓ ବିରୋଧୀ । କେବଳ ରାଜନୈତିକ ଫାଇଦା ପାଇଁ ମୋହରା ପାଲଟିଛି ମହାନଦୀ। ଲାଗୁଛି ଯେପରି, ରାଜ୍ୟସ୍ୱାର୍ଥ ଉପରେ ଭାରି ପଡୁଛି ଦଳୀୟ ସ୍ୱାର୍ଥ ।

## ଚିଟଫଣ୍ଡ ଜମାକାରୀଙ୍କ ପାଇଁ ଖୁସି ଖବର: ବଢ଼ିଲା ଆବେଦନ ତାରିଖ

ଭୁବନେଶ୍ୱର, ୬/୨ (ନି.ପ୍ର): ପୁଣି ବଢ଼ିଲା ଚିଟଫଣ୍ଡ ଆବେଦନ ତାରିଖ । ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାରି ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାନୁୟାରି ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ତେବେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରସ୍ତ ପାଇନାହାନ୍ତି। ତେଣୁ ଅବଶିଷ୍ଟ ଜମାକାରୀଙ୍କ ସୁବିଧା ପାଇଁ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କିନ୍ତୁ ସରକାରଙ୍କ ଧିମା ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି ଜମାକାରୀ ସଂଘ। ଶୁକ୍ରବାର ସକାଳେ ଦୈନିକ ଓଡିଆ ଖବରକାଗଜରେ ପ୍ରକାଶ ପାଇଲା ଅର୍ଥ ବିବାଗର ଏହି ବିଜ୍ଞାପନ।

◆◆ପୃଷ୍ଠା ୭

## ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳ ମାଓମୁକ୍ତ ହେବ: ଦକ୍ଷିଣାଞ୍ଚଳ ଆଇଜି

ଫୁଲବାଣୀ , ୬/୨ (ନି.ପ୍ର): ଆଜି କନ୍ଧମାଳ ଏସ୍‌ପିଙ୍କ ନିକଟରେ ୪ ଜଣ ମାଓବାଦୀ ନିଜନିଜର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଏହି ୪ ଜଣ ମାଓବାଦୀଙ୍କ ମଧ୍ୟରୁ ୩ ଜଣ ମହିଳା ଥିବାବେଳେ ଅନ୍ୟ ଜଣେ ପୁରୁଷ ମାଓବାଦୀ ଏବଂ ଏମାନେ ସମସ୍ତେ କେକେବିଏନ୍ ମାଓ ଡିଭିଜନରେ ସକ୍ରିୟ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ- ଗଙ୍ଗା କୁଞ୍ଜାମି ଓରଫ ଜିତେନ (୨୪), ମୁଚାକି ମାସେ ଓରଫ ସୁମିତ୍ରା (୨୩), ଚୋମାଲି କୁଞ୍ଜମ ଓରଫ




ଶାନ୍ତିଲା (୨୧) ଏବଂ ବାନ୍ଦୀ ମାଡ଼୍ୱୀ ଓରଫ ମାଳତୀ (୨୨)। ଗଙ୍ଗା କୁଞ୍ଜାମିର ଘର ଛତିଶଗଡ଼ ସୁକୁମା ଜିଲ୍ଲା ଅନ୍ତର୍ଗତ ପଣ୍ଡୁପଡ଼ା ଗାଁରେ ହୋଇଥିବାବେଳେ ମୁଚାକି ମାସେର ଘର ଛତିଶଗଡ଼ ସୁକୁମା ଜିଲ୍ଲା ଅନ୍ତର୍ଗତ ବଟୁମ୍ ଗାଁରେ, ଚୋମାଲି କୁଞ୍ଜମ୍‌ର ଘର ଛତିଶଗଡ଼ ବିଜାପୁର ଜିଲ୍ଲା ଅନ୍ତର୍ଗତ ମେଟାପାଲ୍ ଗାଁରେ ଏବଂ ବାନ୍ଦୀ ମାଡ଼୍ୱୀର ଘର ଛତିଶଗଡ଼ ଦନ୍ତେୱାଡା ଜିଲ୍ଲାର ପୋଟାଲି ଗ୍ରାମରେ। ଏମାନେ ସମସ୍ତେ ସକ୍ରିୟ ମାଓ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ ଏବଂ ଏମାନଙ୍କ ନାମରେ ଉଭୟ ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି ବୋଲି ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ସୂଚନା ଦେଇଛନ୍ତି। ଅନ୍ୟପଟେ ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ମାଓମୁକ୍ତ ହୋଇଯାଇଥିବାବେଳେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳ ଜିଲ୍ଲା ମାଓମୁକ୍ତ

◆◆ପୃଷ୍ଠା ୭

## ସିକିମରେ ୧୩ଟି ଭୂକମ୍ପ ଝଟ୍‌କା ଅନୁଭୂତ

ନୂଆଦିଲ୍ଲୀ,୬/୨ : ସିକ୍କିମର ବିଭିନ୍ନ ଜିଲ୍ଲାରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହି ଝଟକାଗୁଡ଼ିକର ତୀବ୍ରତା ମୃଦୁ ଠାରୁ ମଧ୍ୟମ ଥିଲା। ଭୂକମ୍ପରେ ରାଜ୍ୟରେ ଧନଜୀବନର କୌଣସି ପ୍ରକାର କ୍ଷତି ହୋଇଥିବା ସମ୍ବନ୍ଧରେ କୌଣସି ସୂଚନା ମିଳିନାହିଁ। ସିକ୍କିମରେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଭୂକମ୍ପର ଏକାଧିକ ଝଟକା ଅନୁଭୂତ ହୋଇଥିଲା।

## ମାସେ ନପୁରୁଣୁ ପୁଣି ରାଜ୍ୟର ଏକାଧିକ କୋର୍ଟକୁ ଆସିଲା ବୋମା ଧମକ



ଭୁବନେଶ୍ୱର, ୬/୨ (ନି.ପ୍ର): ମାସେ ନପୁରୁଣୁ ପୁଣି କୋର୍ଟକୁ ଆସିଛି ବୋମା ଧମକ । ବୋମା ଦ୍ୱାରା କୋର୍ଟକୁ ଉଡାଇ ଦେବାକୁ ଧମକ ଦେଇଛନ୍ତି ଦୁର୍ବୃତ୍ତ । ଯାହାକୁ ନେଇ ଚାରିଆଡେ ଭୟର ବାତାବରଣ ସୃଷ୍ଟି ହୋଇଛି। ଯାଂଚ କରିବା ସହ ସୁରକ୍ଷାକୁ ବଢ଼ାଇ ଦେଇଛି ପୁଲିସ୍ । ତେବେ ବାରମ୍ବାର ଏଭଳି ଧମକ ଆସିବା ସତ୍ତ୍ୱେ କେଉଁଠୁ ଆସୁଛି ମେଲ? କିଏ ପଠାଉଛି ମେଲ୍ ପୁଲିସ୍ ତାର ଟେର ନପାଉନି । ଯାହାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ବୋମା ଧମକ ଆସିବା ପରେ ଗତ ମାସରେ ନିଜେ ସମୀକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ । ଏସଓପି ଜାରି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ, ମାସେ ନପୂରୁଣୁ ପୁଣି କଟକ ଜିଲ୍ଲା ଦୌରାଜଜ୍, ଫୁଲବାଣୀ କୋର୍ଟ, ଯାଜପୁର କୋର୍ଟ ଓ ପୁରୀ କୋର୍ଟକୁ ଆସିଛି ବୋମା ଧମକ ।

◆◆ପୃଷ୍ଠା ୭

## ଶିମିଳିପାଳରେ ରାଷ୍ଟ୍ରପତି : ଲୋକାର୍ପିତ ହେଲା ବିଏସଏନ୍‌ଏଲ ୪ଜି ଟାୱାର

■ଇଣ୍ଟରନେଟ ସହ ଯୋଡ଼ି ହେଲେ ଶିମିଳିପାଳବାସୀ
■ଆଦିବାସୀ ମହିଳା ଓ ଯୁବ ବର୍ଗଙ୍କ ସହିତ ଭାବବିନିମୟ
■ମୟୁରଭଞ୍ଜ: ଜଙ୍ଗଲ ରକ୍ଷାର ପ୍ରକୃତ ଯୋଦ୍ଧା ଆଦିବାସୀ- ରାଷ୍ଟ୍ରପତି

ମୟୁରଭଞ୍ଜ, ୬/୨ (ନି.ପ୍ର): ମୟୁରଭଞ୍ଜ ଗସ୍ତର ତୃତୀୟ ଦିନରେ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶିମିଳିପାଳ ମଧ୍ୟକୁ ଯାଇଛନ୍ତି । ସେଠାରେ ଗୁଡୁଗୁଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଛନ୍ତି । ଏହି ଅବସରରେ ସ୍ଥାନୀୟ ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ପ୍ରଭୃତି ଆଦିବାସୀମାନେ ହୁଳହୁଳି, କରତାଳି ଦେଇ ଉଲ୍ଲସିତ ସମ୍ବର୍ଦ୍ଧନା ସହକାରେ ସ୍ୱାଗତ କରିଥିଲେ । ସଭା ପ୍ରାରମ୍ଭରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥାସଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ରାଷ୍ଟ୍ରପତିଙ୍କ ଶିମିଳିପାଳ ଭିତର ଗୁଡୁଗୁଡ଼ିଆକୁ ଆଗମନ ପାଇଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଆଜିର ସଭାରେ ରାଷ୍ଟ୍ରପତି ମହୋଦୟଙ୍କ କରକମଳରେ ଭରଚୁଏଲ ମୋଡ଼ ଦ୍ୱାରା ରିମୋଟ ଦବାଇ ଶିମିଳିପାଳ ଅଂଚଳରେ ବିଏସଏନଏଲର ୪ଜି ନେଟୱାର୍କ ସେବାର ଲୋକାର୍ପଣ କରିଥିଲେ । ଏହି ଅବସରରେ ଶିମିଳିପାଳବାସୀ ମଧ ନିରନ୍ତର ଇଣ୍ଟରନେଟ ତଥା ନେଟୱାର୍କ ସେବା ସହ ଯୋଡ଼ି ହେଲେ ବୋଲି ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନିଜ ବକ୍ତବ୍ୟରେ



ପ୍ରକାଶ କରିଛନ୍ତି । ଏହାରି ମାଧ୍ୟମରେ ହାତମୁଠାରେ ସମସ୍ତ ଖବର ଓ ଇଣ୍ଟରନେଟ ସେବା ଅଞ୍ଚଳବାସୀ

◆◆ପୃଷ୍ଠା ୭

## ସୁପ୍ରିମକୋର୍ଟରେ ପ୍ରଶାନ୍ତ କିଶୋରଙ୍କ ଆବେଦନ ଖାରଜ: ହାଇକୋର୍ଟକୁ ଯିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୬/୨ : ୨୦୨୫ ବିହାର ବିଧାନସଭା ନିର୍ବାଚନ ବାତିଲ ଏବଂ ନୂତନ ନିର୍ବାଚନ ପାଇଁ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟି (ଜେଏସ୍ପି) ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ହାଇକୋର୍ଟକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଜେଏସ୍ପି ଏହି ଆବେଦନ ଦାଖଲ କରିଥିଲା, ଯେଉଁଥିରେ ଯୁକ୍ତି



ଦିଆଯାଇଥିଲା ଯେ ନିର୍ବାଚନ ଆଚରଣ ବିଧି କାର୍ଯ୍ୟକାରୀ ହେଉଥିବା ସମୟରେ ସରକାର ମହିଳା ଭୋଟରଙ୍କ ଆକାଉଂଟକୁ ୧୦,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ ତାହା ବେଆଇନ। ଜେଏସ୍ପି ୨୦୨୫ ବିହାର ବିଧାନସଭା ନିର୍ବାଚନ ବାତିଲ କରିବାକୁ ଦାବି କରିଥିଲା। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ଆପଣ କେତେ ଭୋଟ ପାଇଛନ୍ତି। ଜନସାଧାରଣ ଆପଣଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି, ତଥାପି ଆପଣ କୋର୍ଟର ଆଶ୍ରୟ ନେଉଛନ୍ତି। ତୁମେ ନିର୍ବାଚନ ବାତିଲ କରିବାକୁ ଚାହୁଁଛ। ଲୋକପ୍ରିୟତା ହାସଲ କରିବା ପାଇଁ କୋର୍ଟର ମଂଚ ବ୍ୟବହାର କରନାହିଁ।

## ଚଳିତମାସ ତୃତୀୟ ସପ୍ତାହରେ ଭାରତ ଆସିବେ ଫ୍ରାନ୍ସ ରାଷ୍ଟ୍ରପତି

### ୧୮ ରେ ନୂଆଦିଲ୍ଲୀରେ ଏଆଇ ସମ୍ମିଳନୀରେ ଯୋଗଦେବା ସମ୍ଭାବନା

ନୂଆଦିଲ୍ଲୀ,୬/୨ : ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚଳିତମାସ ତୃତୀୟ ସପ୍ତାହରେ ଭାରତ ଆସିବେ। ଫେବ୍ରୁଆରି ୧୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଏଆଇ ସମ୍ମିଳନୀରେ ଯୋଗଦେବାର ସମ୍ଭାବନା ଅଛି। ଭାରତ ପାଇଁ ଇମାନୁଏଲଙ୍କ ଗସ୍ତ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଫ୍ରାନ୍ସରୁ ରାଫେଲ କ୍ରୟ ନେଇ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଫେବୃଆରୀ ତୃତୀୟ ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି। ମାକ୍ରନ୍ ଫେବୃଆରୀ ୧୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଏଆଇ ସମ୍ମିଳନୀରେ ଯୋଗଦେବେ ବୋଲି ଆଶା କରାଯାଉଛି । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ଏହି ଗସ୍ତ ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

◆◆ପୃଷ୍ଠା ୭



# କେମୁଣ୍ଡିଆ ରୂପାକୁଣ୍ଡ ଚୋରା ବାଲିଘାଟରେ ଚଢ଼ାଉ: ବାଲି ସହିତ ୧ ଜେସିବି ମେସିନ ଓ ୧ ହାଇୱା ଜବତ

ଚମ୍ପୁଆ, ୬/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ବ୍ଲକ ଉଚ୍ଚବାଲି ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ବୈତରଣୀ ନଦୀ ରୂପାକୁଣ୍ଡ ଚୋରା ବାଲିଘାଟ ଡିପୁ ଉପରେ ଚମ୍ପୁଆ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ଏକ ପୋକଲେନ ମେସିନ ଓ ଏକ ହାଇୱାକୁ ଜବତ କରାଯାଇଛି। କୌଣସି ସୂତ୍ରରୁ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଆଜି ଭୋର୍ ସକାଳୁ ବାଲି ଡିପୁ ଉପରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଗୋଟିଏ ପୋକଲେନ ମେସିନ ଓ ଗୋଟିଏ ହାଇୱା ଜବତ ହୋଇଥିବାବେଳେ ବାଲି ମାଫିଆଙ୍କ ସହିତ ପୋକଲେନ ଅପରେଟର ଓ ହାଇୱା ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ମାଫିଆମାନେ ଚୋରାରେ ବାଲି ଉତୋଳନ କରି ବିଭିନ୍ନ ଜଙ୍ଗଲିଆ ସ୍ଥାନରେ ବାଲି ମହଜୁଦ କରିବା ପରେ ରାତିରେ ହାଇୱା ଯୋଗେ ବାହାରକୁ ଚାଲାଣ କରୁଥିବା ଦେଖାଯାଉଛି। ତେବେ ଜବତ ବାଲି ୨୮ ହାଇୱାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ବାଲି ଘାଟରୁ ପ୍ରାୟ ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ହେବ ବାଲି ମାଫିଆମାନେ ଗ୍ରାମର କେତେକ ମୃଷ୍ଟିମେୟ ବ୍ୟକ୍ତି ଓ ଅଂଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ଚୋରାରେ ବାଲି ଚାଲାଣ କରୁଛନ୍ତି। ଦୀର୍ଘ ଦିନରୁ ଚୋରା ବାଲି ଚାଲାଣ ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବାବେଳେ ସ୍ଥାନୀୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେମୁଣ୍ଡିଆ ବୈତରଣୀ ବାଲିଘାଟ ବ୍ୟତୀତ ଭଣ୍ଡା ମେରମେଦା ନାଳ, କମଣ୍ଡ, ଭୂଇଁପୁର, ମଙ୍ଗଳପୁର - ପଡୁଆ(ବାଘଡେଗା ନାଳ), ବୈତରଣୀ ନଦୀ ଘାଟ ଜ୍ୟୋତିପୁର, ମାଳିପଶି, ଫୁଲକଅଁଳେଇ ଓ ରରୁଆଁଗୋଡ଼ା, ଟିଆଁସିପଶି, ବନିକା ଇତ୍ୟାଦି ବହୁ ଗ୍ରାମମାନଙ୍କରୁ ଚୋରାରେ ମାଫିଆମାନେ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଡିପୁ କରି ରାତ୍ରିରେ ଚାଲାଣ କରୁଥିବା ଜଣାପଡ଼ିଛି। ଯେଉଁମାନେ ସରକାରୀ ନିୟମାନୁଯାୟୀ ବାଲି ଘାଟ ନିଲାମ ନେଇ ବାଲି ବ୍ୟବସାୟ କରୁଛନ୍ତି ସେମାନେ ଚୋରା ବାଲି ଚାଲାଣକାରୀ ମାଫିଆଙ୍କ ପାଇଁ କ୍ଷତି ସହୁଥିବା କଥା ପ୍ରକାଶ କରୁଛନ୍ତି। ଏହାକୁ ନେଇ ପୂର୍ବରୁ ବହୁବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାବେଳେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଚୋରା ବାଲିଘାଟ ଉପରେ ଅତର୍କିତ ଚଢ଼ାଉ କରାଯାଇଛି। ଚଢ଼ାଉରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ସହିତ ଚମ୍ପୁଆ ତହସିଲଦାର ରାକେଶ ପଣ୍ଡା, ଜୁନିୟର ମାଇନିଙ୍ଗ ଅଫିସର ପ୍ରଦୀପ ମହାନ୍ତ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଚମ୍ପୁଆ ଆର୍.ଆଇ. ସମ୍ପଦ କୁମାର ପ୍ରଧାନ, ଭଣ୍ଡା ଆର୍. ଆଇ. ଅଲେଖ ମାଝୀ, ଫରେଷ୍ଟର ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜ ପ୍ରମୁଖ ସାମିଲ ଥିଲେ। ତେବେ ଖୁବଶୀଘ୍ର ଅନ୍ୟ ଚୋରା ବାଲି ଘାଟରେ ମଧ୍ୟ ଚଢ଼ାଉ ଜାରି ରଖି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ପ୍ରକାଶ କରିଛନ୍ତି।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଡକ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୬/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ସଡକ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଓଡିଶା ଗାନ୍ଧୀ ବାଳାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ ମଣିଷ ଜୀବନ ଅମୂଲ୍ୟ, ଏଣୁ ଏହାର ସୁରକ୍ଷା ଆମର କର୍ତବ୍ୟ ଓ ଦାୟିତ୍ୱ । ଜୀବନ ସୁରକ୍ଷିତ




ରହିଲେ ଦେଶ ଓ ଜାତି ହସି ଉଠିବ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍ ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ, ଶ୍ରୀ ସୁବ୍ରତ କୁମାର ବିଶ୍ୱାଳ, ଏବଂ ସଦସ୍ୟ ଶ୍ରୀ ପ୍ରଦୀପ୍ତ କର, ଓଡିଶା ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ତଥା ଏହି ଆଶ୍ରମର ସମସ୍ତ ସଦସ୍ୟ ତଥା ଅନ୍ତେବାସୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତ୍ୟବରେ କହିଥିଲେ ଯେ ବେଳେ ବେଳେ ସଡକ ଦୁର୍ଘଟଣା ଯୋଗୁ ମଣିଷ ଜୀବନର ସୁରକ୍ଷା ନଷ୍ଟ ହୋଇଥାଏ। ପୋକ ମାଛି ଭଳି ରାସ୍ତା ଉପରେ ତାଙ୍କ ଜୀବନ ଚାଲିଯାଏ । ଭାରତରେ ପ୍ରତିବର୍ଷ ହାରାହାରି ୧.୫ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାନ୍ତି । ଗାଡି ମଟରର ବହୁଳ ବ୍ୟବହାର ଓ ଅସାବଧାନତା ଫଳରେ ମଣିଷ ବିପଦମୁଖୀ ଦୁର୍ଘଟଣାର ଶିକାର ହୋଇ ମହାମୂଲ୍ୟ ଜୀବନକୁ ହରାଇ ବସୁଛି । ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସ୍ଲୋଗାନ ମାଧ୍ୟମରେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ପରିଚାଳନାରେ ସହଯୋଗ କରିଥିଲେ।

# ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲିଆପାଳ , ୬/୨ (ନି.ପ୍ର): ବାସୁଦେବପୁର ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ବନ୍ଧୀୟ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୈରବ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା,ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ସମ୍ପାଦକ ଶୁଭେନ୍ଦୁ ଦାସ,ଉପ ସଭାପତି ଲିଟୁନ ପାତ୍ର,ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧ୍ୟକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଅଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ନେଇ ଗୁରୁତ୍ୱାରୋପ କରିବା ସହ ସୁଚିନ୍ତିତ ମତାମତ ପୋଷଣ କରିଥିଲେ।ଏହି ବୈଠକରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳ କୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ସହଯୋଗ ନେଇ ଘୋଷଣା କରିଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୬/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ତଥା ସାମାଜିକ ଓ ଆଇନଗତ ସଚେତନତା ନିମନ୍ତେ ଭଣ୍ଡାରୀପୋଖରୀ ଉଚ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିଥିଲେ। ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ




ଦାସ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସେ ଗଭୀର ଆଲୋଚନା କରିଥିଲେ, ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ଏବଂ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବର ରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଂଚ ନିମନ୍ତ୍ରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରତିକାନ୍ତ ବେହେରା କରିଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ବହ୍ନିଶିଖା ବିଶ୍ୱାଳ ପିଲାମାନଙ୍କ ନିମିତ୍ତ ବାଲ୍ୟବିବାହକୁ ମନା ଏବଂ ବିଦ୍ୟାଳୟକୁ ହଁ ପରି ସୁନ୍ଦର କବିତା ଆବୃତି କରିଥିଲେ। ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ରହିଥିଲେ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ସମ୍ପର୍କିତ ଏକ ସୁନ୍ଦର ନାଟକରେ ଅଭିନୟ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ।

# ୧୪ରୁ ତୋଷାଳି ସ୍ୱଦେଶୀ ମେଳା: ଏକାମ୍ର ହାଟରୁ ଗଡ଼ିଲା ପ୍ରଚାର ରଥ

ଭୁବନେଶ୍ୱର, ୬/୨ (ନି.ପ୍ର): ୨୦ ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଉପଲକ୍ଷେ ଗୁରୁବାର ସ୍ଥାନୀୟ ଏକାମ୍ର ହାଟ ଠାରୁ ପ୍ରଚାର ରଥ ଗଡିଛି । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ । ସୂଚନାଯୋଗ୍ୟ, ସ୍ଥାନୀୟ ଜନତା ମଇଦାନଠାରେ ଫେବୃଆରୀ ୧୪ ରୁ ୨୬ ତାରିଖ ୨୦ ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଆୟୋଜନ ହେବାକୁ ଯାଉଛି । ଚଳିତବର୍ଷର ଥିମ୍ ରହିଛି ସ୍ୱଦେଶୀ ଏବଂ ଆତ୍ମନିର୍ଭର । ମୋଟ ୮୪୦ ଟି ଷ୍ଟଲ୍ ଆୟୋଜନ ହୋଇଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଶକୁନ୍ତଳା ଲେଙ୍କା କ୍ରିକେଟ: ଫାଇନାଲରେ ଯାଜପୁର ୧୧ ଷ୍ଟାର

ଭଦ୍ରକ, ୬/୨ (ନି.ପ୍ର): ମଞ୍ଜୁରୀରୋଡ ମହାବୀର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ମେଡିକାଲ ପଡ଼ିପାରେ ଚଳିତ ବର୍ଷ ଅନୁଷ୍ଠିତ ୩୨ ତମ ଶକୁନ୍ତଳା ଲେଙ୍କା କ୍ରିକେଟ ଟୁର୍ନାମେଂଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଯାଜପୁର ୧୧ ଷ୍ଟାର ଏକାଦଶ ଓ କେନ୍ଦ୍ରାପଡା ଇନ୍ଦୁପୁର ଜି.ସି.ସି. କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜି.ସି.ସି. କ୍ଲବ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ । ଏହି ଦଳ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ୍ ସ୍କୋର କରିଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ କାର୍ତିକ ପତି ୩୩ ଓ ଗୋବିନ୍ଦ ପଟ୍ଟନାୟକ ୨୧ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ମିଥିଳେଶ, ରୋହେଲ ହାନିଫ ଓ ଦିବ୍ୟଜ୍ୟୋତି ଦାସ ପ୍ରତ୍ୟେକ ୨ ଉଇକେଟ ଲେଖାଏଁ ଅକ୍ତିଆର କରିଥିଲେ । ଯାଜପୁର ୧୧ ଦଳ ୧୨.୩ ଓଭରରେ ୩ ଉଇକେଟ ହରାଇ ୧୦୨ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା । ଦଳ ପକ୍ଷରୁ ସନତାଜ ମଞ୍ଜୁର ୫୩ ଓ ଭଗତ ସାହୁ ୧୪ ରନ ହାସଲ କରିଥିଲେ । ବିପକ୍ଷ ବୋଲର ଗୋବିନ୍ଦ ପଟ୍ଟନାୟକ ୩ ଉଇକେଟ ଅକ୍ତିଆର କରିଥିଲେ । ଦିବ୍ୟଜ୍ୟୋତି ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ନରେନ୍ଦ୍ର ଜେନା ଓ ବିନ୍ମୟ ସେନାପତି ଅମ୍ପାୟାର, ତନୁଜ କୁମାର ବେହେରା ମ୍ୟାଚ ରେଫରୀ, ଅଜୟ ବାରିକ, ମାନସ ପାଢୀ ଓ ମୃତ୍ୟୁଞ୍ଜୟ ଦାସ ସ୍କୋରର, ପ୍ରତ୍ୟୁଷ ସାହୁ ଓ ସୟଦ ଆଫ୍ରୋଜ ଅଲ୍ଲୀ ଧାରାବିବରଣୀ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର




ବାଲେଶ୍ୱର, ୬/୨ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଉଦ୍ୟମରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ (ସାଧାରଣ) ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ତାଲିମ ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ନିମନ୍ତିତ ଅତିଥି ଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଡା. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ପୂର୍ଣ୍ଣମା ଦାସ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରାଙ୍କ ସମେତ ଅନ୍ୟ ଅଧିକାରୀ ମାନେ ମଧ ମଞ୍ଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟ ମାନଙ୍କୁ ଜଣାଇବା ଆବଶ୍ୟକ। ଚାକିରି ପଛରେ ନ ଧାଇଁ ଲୋକ ମାନଙ୍କୁ ଚାକିରି ଦେବା ପାଇଁ ଅତିଥିମାନେ କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ୧୦ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା । ଏହି ତାଲିମ ଶିବିରରେ ୪୦ ରୁ ଉର୍ଦ୍ଧ୍ୱ କିଶୋରୀ ମାନେ ଭାଗ ନେଇଥିଲେ। ଏଠାରେ ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ୍ ବ୍ୟବହାର, ଇମେଲ୍ ସେଟଅପ୍, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଉପସ୍ଥାପନା ଦକ୍ଷତା, ଆନ୍ତଃବ୍ୟକ୍ତିଗତ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ, ଏକ ଛୋଟ ପ୍ରକଳ୍ପର ପ୍ରସ୍ତୁତି ଇତ୍ୟାଦି ଦକ୍ଷତା ଉପରେ କିଶୋରୀମାନଙ୍କୁ ତାଲିମ ଦିଆଯାଇଥିଲା । ଏହି ଅବସରରେ ତାଲିମ ପ୍ରଦାନ କରିବା ପାଇଁ ଆସିଥିବା ଅଧିକାରୀ ମାନେ ହେଲେ, ସରକାରୀ ଆଇ ଟି ଆଇ କଲେଜର ଆଇ ଟି ମୁଖ୍ୟ, କଲେଜର ଇଂରାଜୀ ଅଧ୍ୟାପକ, ନିଯୁକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷକ ଏବଂ ଲିଡ୍ ବ୍ୟାଙ୍କ୍ ର ମୁଖ୍ୟ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କର ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ଏବଂ ଆଗାମୀ ଦିନରେ କିପରି ଆର୍ଥିକ ସ୍ଥିରତା ବଜାୟ ରହିବ, ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିକ ସାରସ୍ୱତ କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, କିଶୋରୀ ବାଳିକା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରୋଟେକସନ୍ ଅଧିକାରୀ ଶ୍ରୀମତୀ ଯୁଥିକାରାଣୀ ରାୟ ଉପସ୍ଥିତ ଅତିଥିବୃନ୍ଦ, ସମ୍ବଳ ବ୍ୟକ୍ତିତ୍ୱ, ସହଯୋଗୀ କର୍ମକର୍ତ୍ତା, ଶିଶୁ ପ୍ରକଳ୍ପ ଅଧିକାରୀ ସମେତ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଲାବ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୮ତମ ବାର୍ଷିକ ଉତ୍ସବ

ଜୟପୁର, ୬/୨ (ନି.ପ୍ର): କୋରାପୁଟ ବ୍ଲକ ଅନ୍ତର୍ଗତ କୋଲାବ ନଗର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୪୮ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଚନ୍ଦନ କୁମାର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଦିବାକର ଲେଙ୍କା, ସ୍ଥାନୀୟ ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ର ଅଧକ୍ଷ, ମୁଖ୍ୟବକ୍ତା ଭାବେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମାକ୍ଷୀ ପ୍ରସାଦ ପାଢ଼ୀ ଯୋଗଦେଇ ବହୁ ସମୟ ଧରି ପିଲାମାନଙ୍କୁ ତାଙ୍କ ବକ୍ତବ୍ୟରେ ଶିକ୍ଷାର ମହତ୍ୱ, ସମୟର ସଦୁପଯୋଗ, ମାନସିକ ବଳ ଦୃଢ଼ କରିବା ଓ ଆଗାମୀ ପିଢ଼ିର ଭବିଷ୍ୟତ ଉପରେ ମାର୍ଗ ଦର୍ଶନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଶ୍ରୀ ନାୟକ, ବିଦ୍ୟାଳୟ ଏକ ମନ୍ଦିର ଯାହାକି ମଣିଷ ତିଆରି କାରଖାନା ତଥା ଶିକ୍ଷା ହିଁ ବଂଚିବାର କୌଶଳ ଇତ୍ୟାଦି ପିଲାମାନଙ୍କୁ ସରଳ ଭାବେ ବୁଝାଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏସବିଆଇ ଶାଖା ପରିଚାଳକ ପ୍ରସନ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଉମୁରିର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ରଥ, ସମ୍ମାନିତ ଅତିଥି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୋରାପୁଟ ଦୀପକ କୁମାର ନାୟକ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ଶିକ୍ଷକ ସୁଜିତ କୁମାର ଜେନା ଓ ଅରୁଣ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିଲେ । ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟରେ ଅକ୍ଷୟ କୁମାର ସାହୁ, ଶୁଚିସ୍ମିତା କବାଟ, ସୁଭଦ୍ରା ଭୂୟାଁ, କୁସୁମା ଯାନୀ, ଅନୁରାଗ ମିଶ୍ର, ଦୀପକ କୁମାର ନାହାକ, ତାପସ ମହାନ୍ତି, ସୂବେନ୍ଦୁ ଖୋସଲା, ଅବଜ ଧାରିଣୀ ମହାପାତ୍ର, ଏସ ନାଗେଶ୍ୱର ରାଓ, ଓ ସିମାଚଂଳ ପେଣ୍ଡିଆ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ମଂଚରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ଓଡିଶୀ ତା'ପରେ ୨୧ଟି ଗ୍ରୁପ ଡ୍ୟାନ୍ସ ସହିତ ଗୋଟିଏ ଶାରୀରିକ କ୍ରୀଡା ପ୍ରଦର୍ଶନ କରାଯାଇଥିଲା ।

# ସୁଶୀଲକୁମାର ଗ୍ରୁପଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ବାର୍ଷିକ ଉତ୍ସବ ଏକ୍ସଟାସି- ୨୦୨୬ ଉଦ୍‌ଘାଟିତ

ନୀଳଗିରି, ୬/୨ (ନି.ପ୍ର): ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାଦଦେଶରେ ଅବସ୍ଥିତ ସୁଶୀଲକୁମାର ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ୨୬ତମ ବାର୍ଷିକ ଉତ୍ସବ ଏକ୍ସଟାସି ମହାସମାରୋହରେ ଅନୁଷ୍ଠିତ ହୋଇଛି। ୫ତାରିଖ ଗୁରୁବାର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ସ୍ୱର୍ଗତ ସୁଶୀଲ କୁମାର ସିଂଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ସିଂ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ସମ୍ପାଦକ ତଥା ନିର୍ଦ୍ଦେଶକ ଉପାଲି ଉପମିତ ପ୍ରଧାନ ଯୋଗଦେଇ ଅନୁଷ୍ଠାନର ଏହି




ସାଂସ୍କୃତିକ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶୀତୁଆସନ୍ଧ୍ୟାର ଝିଲମିଲ ଆଲୋକସଜ୍ଜାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ନାୟକ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନାକରିବା ସହିତ ଆଦିବାସୀ ବହୁଳ ନୀଳଗିରି ଅଞ୍ଚଳରେ ଶିକ୍ଷାରବିକାଶ ସହିତ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟାର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେରଖି ସ୍ଥାନୀୟଅଞ୍ଚଳ , ଜିଲ୍ଲା, ଏବଂ ଜିଲ୍ଲା ବାହାରର ପିଲାମାନଙ୍କୁ ହାତପାଆନ୍ତାରେ ଏଭଳି ଅତ୍ୟାବଶ୍ୟକ ଶିକ୍ଷାପ୍ରଦାନ କରିବାକୁ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗୀୟ ସୁଶୀଲ ସିଂଙ୍କର ଅବଦାନ ବିଷୟରେ ଆଲୋକପାତ କରିବାସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ଉକ୍ତ କଲେଜର ଅଧକ୍ଷ ପ୍ରେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଆର.କେ ପବ୍ଲିକ ସ୍କୁଲର ଅଧକ୍ଷା ପ୍ରତିମା ଦାସବାବୁ, ଆର.କେ ରେସିଡେନ୍ସିଆଲ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାମନ ଚରଣ ମହାନ୍ତି ମଞ୍ଚପରିଚାଳନା କରିଥିବା ବେଳେ ବିଭିନ୍ନବର୍ଗର କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ସଚେତନତା କର୍ମଶାଳା: ଡାହାଣୀ ପ୍ରଥାର ବିଲୋପ ଏକ ସୁସ୍ଥ ସମାଜର ପରିଚୟ

ପୁରୀ, ୬/୨ (ନି.ପ୍ର): ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ନିର୍ଯ୍ୟାତନା ସଚେତନତା ଜିଲ୍ଲା ସ୍ତରୀୟ କର୍ମଶାଳା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପୁରୁଣା ସମୟରେ ଶିକ୍ଷାର ଅଭାବ, କୁସଂସ୍କାର, ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା। ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁଁ ଏହା ହ୍ରାସ ପାଇଛି ସତ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଡାହାଣୀ ପ୍ରଥାକୁ ସମାଜରୁ ଉଚ୍ଛେଦ ପାଇଁ ଆଇନଗତ ଅନେକ ବ୍ୟବସ୍ଥା ରହିଛି। ଏହାକୁ ସଠିକ ଭାବେ କାର୍ଯ୍ୟକାରିତା କରିବା ସହ ସମସ୍ତଙ୍କ ଉଦ୍ୟମରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଡାହାଣୀ, ଗୁଣିଆ, ଭୂତ,ପ୍ରେତ ଇତ୍ୟାଦି କାଳ୍ପନିକ ଚରିତ୍ର ଓ ଘଟଣା ଗୁଡିକ ସମାଜର ଅନେକ କ୍ଷତି ସାଧନ କରୁଛନ୍ତି।

## ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ , ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର?

ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ୍ୟ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର।



ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ। ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢେ । ସମୟ ନଦେଇ ଲଗାତାର



ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ୍ୟ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଧିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।

ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ୍ୟ ଉପସମ ମିଳିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ୍ୟ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ୍ୟ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ୍ୟ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ୍ୟ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡ଼ସୁଗାର୍ ମଧ୍ୟ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ୍ୟ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ୍ୟ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ୍ୟ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ

## ହାନିକାରକ DIY ସ୍କିନ୍‌କେୟାର: ଚେହେରାରେ କେବେ ବି ଲଗାନ୍ତୁ ନାହିଁ ରୋଷେଇ ଘର ଥିବା ଏହି ୫ଟି ଜିନିଷ





**ଆମର ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଏହାର ଯତ୍ନ ନେବା ପାଇଁ ସଠିକ୍ ଉପାୟ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନେକ ସମୟରେ ଲୋକମାନେ ଘରୋଇ ଉପଚାର ବା ଉଓଣ ସ୍କିନ୍‌କେୟାର ଉପରେ ଅଧିକ ନିର୍ଭର କରନ୍ତି । ରୋଷେଇ ଘରେ ଥିବା କିଛି ଜିନିଷ ଚର୍ମ ପାଇଁ ଭଲ ବୋଲି କୁହାଯାଏ, କିନ୍ତୁ ସବୁ ଜିନିଷ ଚର୍ମ ପାଇଁ ଉପଯୁକ୍ତ ନୁହେଁ। ବାସ୍ତବରେ, କିଛି ରୋଷେଇ ଘର ସାମଗ୍ରୀ ଚେହେରାରେ ଲଗାଇବା ଦ୍ୱାରା ଲାଭ ପରିବର୍ତ୍ତେ କ୍ଷତି ହୋଇପାରେ ଏବଂ ଚର୍ମର ସବୁଠାରୁ ବଡ଼ ଶତ୍ରୁ ପାଲଟି ପାରେ। ଆସନ୍ତୁ ଜାଣିବା ଏହିପରି ୫ଟି ଜିନିଷ ବିଷୟରେ, ଯାହାକୁ ଆପଣ ଚେହେରାରେ କେବେ ବି ଲଗାଇବା ଉଚିତ୍ ନୁହେଁ।**

ଲେମ୍ବୁ ରସ : ଲେମ୍ବୁରେ ଭିଟାମିନ୍ ଉ ଭରପୂର ମାତ୍ରାରେ ଥାଏ ଏବଂ ଏହାକୁ ଏକ ପ୍ରାକୃତିକ ବ୍ଲିଚିଂ ଏଜେଣ୍ଟ ଭାବରେ ଦେଖାଯାଏ । ଅନେକ ଲୋକ ଦାଗ ହଟାଇବା, ଚର୍ମକୁ ଉଜ୍ଜ୍ୱଳ କରିବା ପାଇଁ ଲେମ୍ବୁ ରସକୁ ସିଧାସଳଖ ଚେହେରାରେ ଲଗାନ୍ତି । କିନ୍ତୁ ଲେମ୍ବୁ ଅତ୍ୟଧିକ ଏସିଡିକ୍ ହୋଇଥିବାରୁ ଏହା ଚର୍ମର ପ୍ରାକୃତିକ ପିଏଚ ସ୍ତରକୁ ନଷ୍ଟ କରିପାରେ । ଏହା ଚର୍ମରେ ଜ୍ୱଳନ, ଶୁଷ୍କତା, ଲାଲିମା ଏବଂ ସୂର୍ଯ୍ୟ କିରଣ ପ୍ରତି ଅଧିକ ସମ୍ବେଦନଶୀଳତା ସୃଷ୍ଟି କରିଥାଏ । ଫଳରେ ଚର୍ମରେ କଳା ଦାଗ ବଢ଼ିପାରେ, ଯାହାକୁ ଫାଇଟୋଫୋଟୋଡର୍ମାଟାଇଟିସ୍ କୁହାଯାଏ ।

ବେକିଂ ସୋଡା : ବେକିଂ ସୋଡାକୁ ଏକ ଏକ୍ସଫୋଲିଏଣ୍ଟ୍ ଭାବରେ ବ୍ୟବହାର କରିବାକୁ ଅନେକ ଲୋକ ପରାମର୍ଶ ଦିଅନ୍ତି । ଏହାର କ୍ଷାରୀୟ ଗୁଣ ଚର୍ମର ସାମାନ୍ୟ ଏସିଡିକ୍ ପିଏଚ ସହିତ ମେଳ ଖାଏ ନାହିଁ । ବେକିଂ ସୋଡା ଚର୍ମର ପ୍ରାକୃତିକ ତେଲ ସ୍ତରକୁ ନଷ୍ଟ କରିଦିଏ, ଯାହା ଚର୍ମର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଥାଏ। ଏହା ଚର୍ମକୁ ଶୁଷ୍କ, ଖରଖରା କରିବା ସହ ବ୍ରଣ ଏବଂ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ।

ଗରମ ମସଲା : କିଛି ମସଲା, ଯେପରିକି ଡାଲଚିନି ବା ଲବଙ୍ଗକୁ ଚର୍ମ ପାଇଁ ଲାଭଦାୟକ ବୋଲି ଭାବି କିଛି ଲୋକ ଫେସ ମାସ୍କରେ ବ୍ୟବହାର କରନ୍ତି । ଡାଲଚିନିରେ ସିନ୍ନାମାଲଡିହାଇଡ୍ ଥାଏ, ଯାହା ଅନେକ ଲୋକଙ୍କ ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହା ବିଶେଷ ଭାବରେ ସମ୍ବେଦନଶୀଳ ଚର୍ମ ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ।

ଭିନେଗାର : ସେଓ ସାଇଡର ଭିନେଗାରକୁ ବ୍ରଣ ଏବଂ ଦାଗ ପାଇଁ ଏକ ପ୍ରାକୃତିକ ଉପଚାର ଭାବରେ ବ୍ୟବହାର କରାଯାଏ। ଲେମ୍ବୁ ପରି, ଭିନେଗାର ମଧ୍ୟ ଅତ୍ୟଧିକ ଏସିଡିକ୍ । ସିଧାସଳଖ ଚର୍ମରେ ଏହାକୁ ଲଗାଇବା ଦ୍ୱାରା ଚର୍ମର ପ୍ରାକୃତିକ ସୁରକ୍ଷା ବାଧାପ୍ରାପ୍ତ ହୁଏ, ଯାହା ଶୁଷ୍କତା, ଜ୍ୱଳନ ଏବଂ ଲାଲିମା ସୃଷ୍ଟି କରେ। ଏହା ଚର୍ମକୁ ପୋଡ଼ି ଦେବାର ସମ୍ଭାବନା ମଧ୍ୟ ଥାଏ ।

ଟୁଥପେଷ୍ଟ : ବ୍ରଣ ଶୁଖାଇବା ପାଇଁ ଟୁଥପେଷ୍ଟ ଲଗାଇବା ଏକ ପୁରୁଣା ଘରୋଇ ଉପଚାର । ଟୁଥପେଷ୍ଟରେ ଥିବା ମେନ୍ଥଲ, ଆଲକୋହଲ, ଏବଂ ଅନ୍ୟ ରାସାୟନିକ ପଦାର୍ଥ ଚର୍ମ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଏହା ବ୍ରଣକୁ ଶୁଖାଇବା ପରିବର୍ତ୍ତେ, ଚର୍ମରେ ଜ୍ୱଳନ, ଲାଲିମା, ଏବଂ ଦାଗ ସୃଷ୍ଟି କରିଥାଏ । ଏହା ଚର୍ମକୁ ଅତ୍ୟଧିକ ଶୁଷ୍କ କରିଦିଏ ଏବଂ ଚର୍ମର ପ୍ରତିରକ୍ଷା କ୍ଷମତାକୁ କମାଇଦିଏ ।

ସଠିକ୍ ଯତ୍ନ ଗୁରୁତ୍ୱପୂର୍ଣ୍ଣ: ଚର୍ମର ଯତ୍ନ ନେବା ପାଇଁ ସର୍ବଦା ଚର୍ମର ପ୍ରକାର ଏବଂ ସମ୍ବେଦନଶୀଳତାକୁ ଧ୍ୟାନରେ ରଖିବା ଉଚିତ୍ । ଯଦି ଆପଣ ଘରୋଇ ଉପଚାର ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ ସେଗୁଡ଼ିକୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ବ୍ୟବହାର କରନ୍ତୁ କିମ୍ବା ଏହାକୁ ପ୍ରଥମେ ଚେହେରାର ଏକ ଛୋଟ ଅଂଶରେ ଲଗାଇ ପରୀକ୍ଷା କରନ୍ତୁ। ଚର୍ମ ସମ୍ବନ୍ଧୀୟ କୌଣସି ସମସ୍ୟା ପାଇଁ ସର୍ବଦା ଜଣେ ଡର୍ମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ୍ । ନିଜ ମନମୁତାବକ ରୋଷେଇ ଘର ସାମଗ୍ରୀ ବ୍ୟବହାର କରି ଆପଣ ନିଜ ଚର୍ମକୁ ହାନି ପହଞ୍ଚାଇ ପାରନ୍ତି ।

## ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

## ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ



ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ। ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ । ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ । ବିଶେଷ କରି ଯୁବବର୍ଗ ଏବଂ ନିମ୍ନ ମଧ୍ୟମ ଆୟ ଦେଶରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳେ । ୩ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ଏବଂ ୪ ଜଣ କିଶୋରଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଛି ଏକୁଟିଆପଣ ।

## ଚନ୍ଦାପଣ ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର, ଏହି ଉପାୟ କଲେ ଗହଳ ହେବ କେଶ !

କନକ ବ୍ୟୁରୋ: ଚନ୍ଦାପଣ ଭଳି ସମସ୍ୟା ଭୋଗୁଥିଲେ ହୁଅନ୍ତୁନି ନିରାଶ । ବୈଜ୍ଞାନିକ ଗବେଷଣାରୁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । କେଶର ଉପଯୁକ୍ତ ଯତ୍ନ ନେବା ଦ୍ୱାରା ଏହା ପୁଣିଥରେ ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ଗବେଷକ ଦଳ ଦାବି କରିଛନ୍ତି । ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିରେ ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ଏହି କେଶ ମୂଳ ଅର୍ଥାତ୍ ଫଲିକଲ୍ ଶରୀରର କିଛି ପ୍ରଣାଳୀ ସହିତ ମିଶି କାର୍ଯ୍ୟ କରିଥାନ୍ତି । ଯେତେବେଳେ ଏହି ପ୍ରଣାଳୀ କୌଣସି କାରଣରୁ ବାଧାପ୍ରାପ୍ତ ହୋଇଥାଏ, ସେତେବେଳେ କେଶ ଝଡ଼ିବା ଆରମ୍ଭ ହୋଇଥାଏ । ଯଦି ଏହି ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କରିବା ଆରମ୍ଭ କରନ୍ତି, ତେବେ ପୁଣିଥରେ କେଶ ପୂର୍ବ ଅବସ୍ଥାକୁ ଫେରି ଆସିବା ସମ୍ଭବ ।

- ଯତ୍ନ ନେଲେ ପୁଣିଥରେ ଫେରିଆସିବ ପୂର୍ବାବସ୍ଥା
- ଷ୍ଟେମ୍ ସେଲ୍ ରିସର୍ଚ୍ଚ ଆଣ୍ଡ୍ ଥେରାପିର ବଡ଼ ଦାବି
- କିଛି ଉପାୟ ଆପଣାଇଲେ କେଶ ହେବ ଗହଳ
- କେଶ ମୂଳ ଅର୍ଥାତ୍ କେଶ ଫଲିକଲ୍ ଦୁର୍ବଳ ହେଲେ ଝଡ଼ିଥାଏ କେଶ
- ପ୍ରଣାଳୀଗୁଡ଼ିକ ପୁଣି ଥରେ ସଠିକ୍ ଭାବରେ କାମ କଲେ ବଢେ କେଶ
- ଜିନ୍ ଏଡିଟିଂ କୌଶଳ ଏବଂ ଷ୍ଟେମ୍ ସେଲ୍ ଭଳି କୌଶଳର ସାହାଯ୍ୟ ନିଆଯାଇପାରିବ
- ଏହି ପଦ୍ଧତି ଏପର୍ଯ୍ୟନ୍ତ ଗବେଷଣା ପର୍ଯ୍ୟାୟରେ ରହିଛି
- ଆଗାମୀ ୨ବର୍ଷ ମଧ୍ୟରେ ମଣିଷ ଉପରେ ଏହାର ପରୀକ୍ଷଣ ଆରମ୍ଭ ହେବ
- ଯେତେବେଳେ କେଶ ଝଡ଼ିଥାଏ, ଏହାର ମୂଳ ଅର୍ଥାତ୍ ଫୋଲିକଲ୍ ମରେ ନାହିଁ
- ଫୋଲିକଲ୍ ଗୁଡ଼ିକ କେବଳ ନିଷ୍କ୍ରିୟ ହୋଇ ରହିଥାନ୍ତି
- ଏନେଇ ଅଧିକ ଗବେଷଣା ସଫଳତା ଆଣିଦେବ ବୋଲି ଆଶା ବୃଦ୍ଧି ହୋଇଛି



## ପାଟିରେ ବାରମ୍ବାର ଘା’ ହେବା, ପେଟ ସମସ୍ୟା ନା’ ଆଉ କ’ଣ ? କ’ଣ କୁହନ୍ତି ଡାକ୍ତର ?

ଏମ୍ସର ଗ୍ୟାଷ୍ଟ୍ରୋଲୋଜି ବିଭାଗର ପୂର୍ବତନ ଡାକ୍ତର ଅନନ୍ୟ ଗୁପ୍ତା କୁହନ୍ତି ଯେ ଯଦି ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ ଇମ୍ୟୁନ୍ ସିଷ୍ଟମ ଦୁର୍ବଳ ଅଛି ତେବେ ଏହା ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇପାରେ । କିଛି ଅଟୋଇମ୍ୟୁନ୍ ରୋଗ ଯେପରିକି ଲୁପସ୍ କିମ୍ବା ବେହଚେଟ୍ ସିଣ୍ଡ୍ରୋମ୍ ଯାହା ଏକ ବିରଳ କିନ୍ତୁ ଗମ୍ଭୀର ଅଟୋଇମ୍ୟୁନ୍ ଏବଂ ଇନଫ୍ଲାମେଟୋରୀ ରୋଗ ଯାହା ଶରୀରର ରକ୍ତନଳୀଗୁଡ଼ିକରେ (ବ୍ଲଡ୍ ଭେସେଲ୍ସ) ପ୍ରଦାହ (ସଭଲକ୍ଷବଙ୍କଙ୍କବସ୍ତ୍ରସକ୍ଟଭ) ସୃଷ୍ଟି କରେ । ଏହି ରୋଗ ଶରୀରର ଅନେକ ଅଂଶକୁ ଏକ ସମୟରେ ପ୍ରଭାବିତ କରିପାରେ - ଯେପରିକି ମୁହଁ, ଆଖି, ଚର୍ମ, ଯୌନାଙ୍ଗ, ଗଣ୍ଠି ଏବଂ ବେଳେବେଳେ ମସ୍ତିଷ୍କ ଓ ପାଚନ ତନ୍ତ୍ର । ଅଟୋଇମ୍ୟୁନ୍ ରୋଗ ମଧ୍ୟ ବାରମ୍ବାର ମୁହଁରେ କ୍ଷତ କିମ୍ବା ଘା’ର କାରଣ ହୋଇପାରେ । ଏହା ସହିତ ଲଗାତାର ଥକ୍କା ଲାଗିବା, ଦୁର୍ବଳତା କିମ୍ବା ବାରମ୍ବାର ଅସୁସ୍ଥ ହେବା ମଧ୍ୟ ଏହି ଅସୁବିଧାର ସଙ୍କେତ ହୋଇପାରେ । ଯେତେବେଳେ ପେଟରେ ଗ୍ୟାସ୍, କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ବାରମ୍ବାର ହୁଏ ସେତେବେଳେ ଏହାର ପ୍ରଭାବ ମୁହଁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡ଼େ । ଅଧିକ ଏସିଡ୍ ସୃଷ୍ଟି ହେବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ ଯେଉଁଥିପାଇଁ ମୁହଁରେ ଜ୍ୱାଳା ଏବଂ ଘା’ ହୋଇପାରେ । ଭୁଲ୍ ଖାଦ୍ୟପେୟ, ବିଳମ୍ବରେ ଖାଇବା ଏବଂ ମସଲାଯୁକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ ହୋଇପାରେ । ଦୀର୍ଘ ସମୟ ଧରି ଲାଗି ରହିଥିବା ପାଚନ ସମସ୍ୟା ମଧ୍ୟ ମୁହଁରେ ଘା’କୁ ବାରମ୍ବାର ବାହାରିବାର କାରଣ ହୋଇପାରେ



। ଭିଟାମିନ୍ ଇ୧୨ , ଆଇରନ୍ ଏବଂ ଫୋଲିକ୍ ଏସିଡର ଅଭାବ ମଧ୍ୟ ମୁହଁରେ ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇଥାଏ । ଯେତେବେଳେ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳେ ନାହିଁ, ସେତେବେଳେ ଟିସୁଗୁଡ଼ିକର ମରାମତି କମ୍ ହୋଇଯାଏ । ଯେଉଁଥିପାଇଁ ଘା’ ଶୀଘ୍ର ଭଲ ହୁଏ ନାହିଁ ଏବଂ ବାରମ୍ବାର ସମସ୍ୟା ଉପୁଜିପାରେ । ଯଦି ଘା’ ଏକରୁ ଦୁଇ ସପ୍ତାହ ମଧ୍ୟରେ ଠିକ୍ ହେଉନାହିଁ କିମ୍ବା ବାରମ୍ବାର ଗୋଟିଏ ସ୍ଥାନରେ ହେଉଛି ବା ଖାଇବା ପିଇବାରେ ଅସୁବିଧା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବେଳେବେଳେ ଏହା ମୁଖ କର୍କଟ କିମ୍ବା ଗମ୍ଭୀର ସଂକ୍ରମଣର ମଧ୍ୟ ସଙ୍କେତ ହୋଇପାରେ ।

## ଷୋଡ଼ଶ ଅର୍ଥ ଆୟୋଗ: ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ରର ଆବଶ୍ୟକତାକୁ ଅଗ୍ରାଧିକାର ?

ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆର୍ଥିକ ସଂଘବାଦର ମୂଳଦୁଆ ହେଉଛି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବଳର ସୁଷମ ବଣ୍ଟନ । ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ପ୍ରତି ପାଞ୍ଚ ବର୍ଷରେ ଗଠିତ ହେଉଥିବା ଅର୍ଥ ଆୟୋଗ ଏହି ଗୁରୁଦାୟିତ୍ୱ ବହନ କରିଥାନ୍ତି ଯେ କିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜର ଆର୍ଥିକ ଆବଶ୍ୟକତା ପୂରଣ କରିପାରିବେ । କିନ୍ତୁ ନିକଟରେ ଷୋଡ଼ଶ ଅର୍ଥ ଆୟୋଗ ଦ୍ୱାରା ଦିଆଯାଇଥିବା ସୁପାରିଶଗୁଡ଼ିକ ଏକ ଗମ୍ଭୀର ବିତର୍କ ସୃଷ୍ଟି କରିଛି । ରାଜ୍ୟମାନଙ୍କର ବ୍ୟାପକ ସହମତି ଏବଂ ଦାବି ସତ୍ତ୍ୱେ, ଆୟୋଗ କେନ୍ଦ୍ର ସରକାରଙ୍କ ପ୍ରାଥମିକତାକୁ ଅଧିକ ଗୁରୁତ୍ୱ ଦେଇଥିବା ପରି ମନେହେଉଛି । ବିଶେଷକରି, କର ବଣ୍ଟନ ହାରକୁ ୪୧ ପ୍ରତିଶତରେ ସୀମିତ ରଖିବା ଏବଂ ଉପକର (Cess) ଓ ଅଧିକର (Surcharge) ଉପରେ କୌଣସି ନିୟନ୍ତ୍ରଣ ନ ଲଗାଇବା ଦ୍ୱାରା ରାଜ୍ୟମାନଙ୍କର ଆର୍ଥିକ ସ୍ୱାଧୀନତା ସଙ୍କୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଏହି ବିତର୍କର ମୂଳକୁ ଯିବା ପୂର୍ବରୁ ଆମକୁ ବୁଝିବାକୁ ହେବ ଯେ ଷୋଡ଼ଶ ଅର୍ଥ ଆୟୋଗ କେନ୍ଦ୍ରୀୟ ଟିକସରୁ ରାଜ୍ୟମାନଙ୍କୁ ମିଳୁଥିବା ଅଂଶ ବା 'ଭର୍ଟିକାଲ୍ ଡିଭୋଲ୍ୟୁସନ୍'କୁ ୪୧ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି । ଯଦିଓ ଏହା ପଞ୍ଚଦଶ ଅର୍ଥ ଆୟୋଗର ସୁପାରିଶ ସହ ସମାନ, ତଥାପି ବାସ୍ତବ ଚିତ୍ରଟି ଭିନ୍ନ ଅଟେ । ସମସ୍ୟାଟି କେବଳ ଏହି ଶତକଡ଼ା ହାରରେ ନାହିଁ, ବରଂ ସମସ୍ୟା ରହିଛି ସେହି 'ବିଭାଜ୍ୟ ପାଣ୍ଠି' ବା ଡିଭିଜିବଲ୍ ପୁଲ୍ (Divisible Pool)ର ଆକାରରେ, ଯେଉଁଥିରୁ ଏହି ୪୧ ପ୍ରତିଶତ ଅର୍ଥ ରାଜ୍ୟମାନଙ୍କୁ ମିଳିଥାଏ । ସମ୍ବିଧାନ ଅନୁଯାୟୀ, କେନ୍ଦ୍ର ସରକାର ଆଦାୟ କରୁଥିବା ସମସ୍ତ ଟିକସରୁ ଉପକର (Cess) ଏବଂ ଅଧିକର (Surcharge)କୁ ବାଦ୍ ଦେଲା ପରେ ଯାହା ବଳକା ରହେ, ତାହାକୁ ବିଭାଜ୍ୟ ପାଣ୍ଠି କୁହାଯାଏ । ଦୁର୍ଭାଗ୍ୟବଶତଃ, ବିଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ର ସରକାର ମୂଳ ଟିକସ ବଦଳରେ ଉପକର ଓ ଅଧିକର ମାଧ୍ୟମରେ ରାଜସ୍ୱ ଆଦାୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଯେହେତୁ ଏହି ଉପକର ଓ ଅଧିକର ରାଶି ରାଜ୍ୟମାନଙ୍କ ସହ ଭାଗ କରିବାକୁ ପଡ଼େନାହିଁ, ତେଣୁ କେନ୍ଦ୍ର ସରକାରଙ୍କ ରାଜସ୍ୱ ବଢୁଥିଲେ ମଧ୍ୟ ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭାଜ୍ୟ ପାଣ୍ଠିର ଆକାର ଆନୁପାତିକ ଭାବେ ସଙ୍କୁଚିତ ହେବାରେ ଲାଗିଛି ।

ତଥ୍ୟ ଉପରେ ନଜର ପକାଇଲେ ଏହି ବୈଷମ୍ୟ ସ୍ପଷ୍ଟ ବାରି ହୋଇପଡ଼େ । ୨୦୧୩ ରୁ ୨୦୧୯ ମସିହା ମଧ୍ୟରେ, କେନ୍ଦ୍ର ସରକାର ଆଦାୟ କରୁଥିବା ପ୍ରତି ୧୦୦ ଟଙ୍କାରୁ ପ୍ରାୟ ୯୩ ରୁ ୯୫ ଟଙ୍କା ମୂଳ ଟିକସ ଆକାରରେ ଆସୁଥିଲା, ଯାହା ବିଭାଜ୍ୟ ପାଣ୍ଠିର ଅଂଶ ଥିଲା । ମାତ୍ର ୫ ରୁ ୭ ଟଙ୍କା ଉପକର ଓ ଅଧିକର ଆକାରରେ ଆଦାୟ ହେଉଥିଲା । କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷ ବେଳକୁ ଚିତ୍ର ବଦଳିଗଲା । ପ୍ରତି ୧୦୦ ଟଙ୍କାର ଆଦାୟ ମଧ୍ୟରୁ ମୂଳ ଟିକସ ପରିମାଣ ୮୬.୫ ଟଙ୍କାକୁ ଖସି ଆସିଥିବା ବେଳେ ଉପକର ଓ ଅଧିକର ପରିମାଣ ୧୩.୫ ଟଙ୍କାକୁ ବୃଦ୍ଧି ପାଇଥିଲା । ଅର୍ଥାତ୍, ରାଜ୍ୟମାନେ ଯେଉଁ ପାଣ୍ଠିରୁ ଭାଗ ପାଆନ୍ତି, ସେହି ପାଣ୍ଠିର ମୂଳ ଆଧାରଟି ଦୁର୍ବଳ ହୋଇଯାଇଛି । ଆକଳନ କରାଯାଉଛି ଯେ ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ର ସରକାର ପ୍ରତି ୧୦୦ ଟଙ୍କାରୁ ପ୍ରାୟ ୧୧ ଟଙ୍କା କେବଳ ଉପକର ଓ ଅଧିକର ବାବଦରେ ଆଦାୟ କରିବେ । ଏହାର ଅର୍ଥ ହେଲା, ଯଦିଓ କାଗଜପତ୍ରରେ ରାଜ୍ୟମାନଙ୍କୁ ୪୧% ଅଂଶ ମିଳୁଛି, କିନ୍ତୁ ବାସ୍ତବରେ ସେମାନଙ୍କ ହାତକୁ ଆସୁଥିବା ଅର୍ଥର ପରିମାଣ କମିଯାଉଛି । ଏହା ଏକ ପ୍ରକାରର ପରୋକ୍ଷ ଆର୍ଥିକ କାଟ୍, ଯାହା ରାଜ୍ୟମାନଙ୍କ ବିକାଶମୂଳକ କାର୍ଯ୍ୟକୁ ବାଧାପ୍ରାପ୍ତ କରୁଛି ।

ସଂସଦରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୪-୧୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୪୪,୬୮୮ କୋଟି ଟଙ୍କା ଉପକର (ଜିଏସ୍‌ଟି କ୍ଷତିପୂରଣ ଉପକର ବ୍ୟତୀତ) ଆକାରରେ ଆଦାୟ କରିଥିଲେ । ୨୦୨୧-୨୨ ବେଳକୁ ଏହା ବୃଦ୍ଧି ପାଇ ୩,୫୨,୬୫୦ କୋଟି ଟଙ୍କାରେ ପହଞ୍ଚିଥିଲା ଏବଂ ୨୦୨୫-୨୬ ବେଳକୁ ଏହା ପ୍ରାୟ ୨,୫୧,୨୦୬ କୋଟି ଟଙ୍କା ହେବାର ଅନୁମାନ କରାଯାଉଛି । ସେହିପରି ଅଧିକର ବା ସରଚାର୍ଜ ଆଦାୟ ପରିମାଣ ୨୦୧୫ରେ ୧୫,୭୦୨ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୨ରେ ୪୦,୭୫୮ କୋଟି ଟଙ୍କାରେ ପହଞ୍ଚିଛି ଏବଂ ୨୦୨୬ ବେଳକୁ ଏହା ୧,୭୨,୫୦୦ କୋଟି ଟଙ୍କା ଛୁଇଁବାର ସମ୍ଭାବନା ରହିଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ କେନ୍ଦ୍ର ସରକାର କିପରି ରଣନୀତିକ ଭାବେ ନିଜର ଆୟ ବଢ଼ାଉଛନ୍ତି, କିନ୍ତୁ ସେହି ବର୍ଦ୍ଧିତ ଆୟର ଲାଭ ରାଜ୍ୟମାନଙ୍କୁ ଦେବାରୁ ବଞ୍ଚିତ କରୁଛନ୍ତି । ଷୋଡ଼ଶ ଅର୍ଥ ଆୟୋଗ ନିଜ ରିପୋର୍ଟରେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ୨୦୧୧-୧୨ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୧.୧% ଅଣ-ବିଭାଜ୍ୟ ରାଜସ୍ୱ (ଉପକର ଇତ୍ୟାଦି) ଥିବାବେଳେ ୨୦୨୩-୨୪ ବେଳକୁ ଏହା ୨.୨%କୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଆୟୋଗ ଏହି ପ୍ରବୃତ୍ତି ଉପରେ ରୋକ୍ ଲଗାଇବା ପାଇଁ କୌଣସି କଠୋର ପଦକ୍ଷେପ ନେଇନାହାନ୍ତି ।

ଓଡ଼ିଶା, କେରଳ, ତାମିଲନାଡୁ, ଗୁଜରାଟ ଏବଂ ହରିୟାଣା ଭଳି ପ୍ରାୟ ୧୮ଟି ରାଜ୍ୟ ଏକାଠି ହୋଇ କେନ୍ଦ୍ରୀୟ ଟିକସରେ ରାଜ୍ୟମାନଙ୍କ ଅଂଶକୁ ୪୧%ରୁ ବୃଦ୍ଧି କରି ୫୦% କରିବାକୁ ଦାବି କରିଥିଲେ । ଅନ୍ୟ କେତେକ ରାଜ୍ୟ ଏହାକୁ ୪୫% କିମ୍ବା ୪୮% କରିବାକୁ ଯୁକ୍ତି ବାଢ଼ିଥିଲେ । ରାଜନୈତିକ ମତଭେଦ ସତ୍ତ୍ୱେ ବିଭିନ୍ନ ଦଳ ଶାସିତ ରାଜ୍ୟମାନଙ୍କର ଏହି ବିରଳ ସହମତି ପ୍ରମାଣ କରୁଛି ଯେ ବର୍ତ୍ତମାନର ଆର୍ଥିକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ କେତେ ଚାପରେ ଅଛନ୍ତି । କିନ୍ତୁ କେନ୍ଦ୍ର ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କର ବଣ୍ଟନରେ 'ସଂଯମତା' ରକ୍ଷା କରିବାକୁ ଯୁକ୍ତି ବାଢ଼ିଥିଲେ । ଦୁଃଖର ବିଷୟ ଯେ, ଅର୍ଥ ଆୟୋଗ ରାଜ୍ୟମାନଙ୍କର ଏହି ସାମୂହିକ ସ୍ୱରକୁ ଅଣଦେଖା କରି କେନ୍ଦ୍ରର ଯୁକ୍ତିକୁ ଗ୍ରହଣ କରିନେଲେ । ଆୟୋଗ ଯେଉଁ କାରଣ ଦର୍ଶାଇଛନ୍ତି, ତାହା ମୁଖ୍ୟତଃ କେନ୍ଦ୍ରର ସ୍ୱାର୍ଥ ରକ୍ଷା କରୁଥିବା ପରି ମନେହୁଏ ।

ଅର୍ଥ ଆୟୋଗଙ୍କ ଯୁକ୍ତି ହେଉଛି ଯେ ସମ୍ବିଧାନରେ ଉପକର ଓ ଅଧିକର ଉପରେ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ । ଯୁଦ୍ଧ, ଦୁର୍ଭିକ୍ଷ କିମ୍ବା ମହାମାରୀ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ହାତରେ ପର୍ଯ୍ୟାପ୍ତ ଅର୍ଥ ରହିବା ଆବଶ୍ୟକ । ତେଣୁ ଏହା ଉପରେ କଟକଣା ଲଗାଇବା 'ଅବିବେକୀ' (Imprudent) ନିଷ୍ପତ୍ତି ହେବ ବୋଲି ଆୟୋଗ ମତ ଦେଇଛନ୍ତି । ଏହାଛଡ଼ା, ବଦଳୁଥିବା ବୈଦେଶିକ ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ ପ୍ରତିରକ୍ଷା ବଜେଟ୍ ବୃଦ୍ଧି ଏବଂ ଭିତ୍ତିଭୂମି ନିର୍ମାଣରେ କେନ୍ଦ୍ରର ଦକ୍ଷତାକୁ ଦର୍ଶାଇ ଆୟୋଗ କେନ୍ଦ୍ରକୁ ଅଧିକ ଅର୍ଥର ଆବଶ୍ୟକତା ଥିବା କଥା କହିଛନ୍ତି । କିନ୍ତୁ ଏଠାରେ ଏକ ବିରୋଧାଭାସ ଦେଖାଯାଏ । ଗୋଟିଏ ପଟେ ଆୟୋଗ କହୁଛନ୍ତି ଯେ ଦୀର୍ଘକାଳୀନ ଭିତ୍ତିରେ ଉପକର ଉପରେ ନିର୍ଭର କରିବା 'ଅବାଞ୍ଛିତ' ଏବଂ ଏହାଦ୍ୱାରା କେନ୍ଦ୍ର ସରକାର ମୂଳ ଟିକସ ବ୍ୟବସ୍ଥା ପ୍ରତି ଆଗ୍ରହ ହରାଇପାରନ୍ତି, ଯାହା ରାଜ୍ୟମାନଙ୍କ ପାଇଁ କ୍ଷତିକାରକ । କିନ୍ତୁ ଅନ୍ୟପଟେ, ସେମାନେ ଏହାକୁ ନିୟନ୍ତ୍ରଣ କରିବାକୁ ମନା କରୁଛନ୍ତି ଏବଂ ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ 'ପାରସ୍ପରିକ ବୁଝାମଣା' ଉପରେ ନିର୍ଭର କରିବାକୁ ପରାମର୍ଶ ଦେଉଛନ୍ତି । ଏହା ଏକ ପ୍ରକାରର ଦାୟିତ୍ୱରୁ ଓହରିଯିବା ଭଳି ମନେହୁଏ ।

ଆୟୋଗଙ୍କ ଏହି ଆଭିମୁଖ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରୁଛି । ପ୍ରଥମତଃ, ସମ୍ବିଧାନ ପ୍ରଣେତାମାନେ କ'ଣ କେବେ କଳ୍ପନା କରିଥିଲେ ଯେ କେନ୍ଦ୍ର ସରକାର ମୂଳ ଟିକସ ଅପେକ୍ଷା ଉପକର ମାଧ୍ୟମରେ ଏତେ ବିପୁଳ ଅର୍ଥ ଆଦାୟ କରିବେ ? ଦ୍ୱିତୀୟତଃ, ଉପକର ଉପରେ ସୀମା ଲଗାଇବାକୁ 'ଅବିବେକୀ' କହି ଆୟୋଗ କ'ଣ ପରୋକ୍ଷରେ କେନ୍ଦ୍ରକୁ ମନମୁଖୀ ଆଚରଣ ପାଇଁ ଲାଇସେନ୍ସ ଦେଇନାହାନ୍ତି କି ? ତୃତୀୟତଃ, ଭିତ୍ତିଭୂମି ନିର୍ମାଣରେ କେନ୍ଦ୍ରର ଦକ୍ଷତା କଥା କହିବା ବେଳେ ଆୟୋଗ କ'ଣ ଭୁଲି ଯାଇଛନ୍ତି ଯେ ଓଡ଼ିଶା ଭଳି ଅନେକ ରାଜ୍ୟ ସୀମିତ ସମ୍ବଳ ସତ୍ତ୍ୱେ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି ? ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ରାଜ୍ୟ ତାଲିକାରେ ରହିଛି ଏବଂ ଏଗୁଡ଼ିକର ପରିଚାଳନା ପାଇଁ ରାଜ୍ୟମାନଙ୍କୁ ବିପୁଳ ଅର୍ଥ ଆବଶ୍ୟକ ହୁଏ । ଯଦି ରାଜ୍ୟମାନଙ୍କ ପାଖରେ ସତରେ 'ପର୍ଯ୍ୟାପ୍ତ' ସମ୍ବଳ ଥାଆନ୍ତା, ତେବେ ସବୁ ରାଜ୍ୟ ଏକସ୍ୱରରେ ଅଧିକ ଅର୍ଥ ଦାବି କରନ୍ତେ କାହିଁକି ?

ପରିଶେଷରେ, ଷୋଡ଼ଶ ଅର୍ଥ ଆୟୋଗର ସୁପାରିଶ ରାଜ୍ୟମାନଙ୍କ ପାଇଁ ଏକ ନିରାଶାଜନକ ବାର୍ତ୍ତା ନେଇ ଆସିଛି । ଯେତେବେଳେ କେନ୍ଦ୍ର ସରକାର 'ସେସ୍' ଏବଂ 'ସରଚାର୍ଜ' ମାଧ୍ୟମରେ ବିଭାଜ୍ୟ ପାଣ୍ଠିକୁ ସଙ୍କୁଚିତ କରୁଛନ୍ତି, ସେତେବେଳେ ୪୧%ର ଅପରିବର୍ତ୍ତିତ ହାର ବାସ୍ତବରେ ରାଜ୍ୟମାନଙ୍କ ଭାଗ କମାଇବା ସହ ସମାନ । ଏକ ସୁଦୃଢ଼ ଭାରତ ଗଠନ ପାଇଁ ଶକ୍ତିଶାଳୀ କେନ୍ଦ୍ର ଯେତିକି ଜରୁରୀ, ସଶକ୍ତ ରାଜ୍ୟ ମଧ୍ୟ ସେତିକି ଅପରିହାର୍ଯ୍ୟ । ଅର୍ଥ ଆୟୋଗ ଏହି ସନ୍ତୁଳନ ରକ୍ଷା କରିବାରେ ବିଫଳ ହୋଇଥିବା ପରି ମନେହୁଏ । ଆଗାମୀ ଦିନରେ ଏହି ଅସନ୍ତୁଳନ ଦୂର କରିବା ପାଇଁ ଏକ ବୃହତ୍ତର ସାମ୍ବିଧାନିକ ସଂଶୋଧନ କିମ୍ବା କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ନୂତନ ଆର୍ଥିକ ବୁଝାମଣାର ଆବଶ୍ୟକତା ରହିଛି ।

## ଭାରତ-ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା



ଡ. ସମନ୍ୱୟ ନନ୍ଦ

**ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।**

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ ବୁଝାମଣା ସମ୍ପନ୍ନ ହୋଇଛି । ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି । ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧ୍ରୁବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତ୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତ୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା ।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲେ । ଆହୁରି ଅନେକ ବିଷୟ ମଧ୍ୟ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତ୍ତା ବିଫଳ ହୋଇଥିଲା ।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତ୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା । ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନଥିଲା ବରଂ ପରିବର୍ତ୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା । ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି । ଅନେକ ଦେଶମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ । ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି । ଉଦାହରଣ ସ୍ୱରୂପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ । ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶ ମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି । ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ । ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି- ଆଲାଇନମେଂଟ ହେବା ସ୍ୱାଭବିକ ଥିଲା । ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର । ରିଆଲାଇନମେଂଟ ସମ୍ପୂର୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ । ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା ।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି । ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍‌କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶ ମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି । ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି । ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ । ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ । ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣାୟକ ବୋଲି ପ୍ରମାଣିତ ହୋଇପାରେ । ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ । ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ । ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ । ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ, ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି । ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ । ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ । କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ । ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ । ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାୟରୀ ଉତ୍ପାଦ ଓ ଛୋଟ ଶିଳ୍ପ ଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ । ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ । ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ । ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି । ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି । ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି । ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି ।

## ଶ୍ରୀକ୍ଷେତ୍ରର ଗଙ୍ଗାମାତା ମଠ



ସୁଷମା ପରିଜା

ଚାରିଯୁଗକୁ ପ୍ରତିନିଧିତ୍ୱ କରୁଥିବା ଭାରତର ଚାରି ଦିଗରେ ପ୍ରତିଷ୍ଠିତ ଚତୁର୍ଦ୍ଧାମ ମଧ୍ୟରୁ ପୂର୍ବ ଦିଗରେ ପ୍ରତିଷ୍ଠିତ ଉତ୍କଳର ଶ୍ରୀଜଗନ୍ନାଥ ଧାମ ଅନ୍ୟତମ । କେଉଁ ଆବହମାନ କାଳରୁ ପୁରୁଷୋତ୍ତମ ଧାମକୁ ପୃଥିବୀର କୋଣାନୁକୋଣରୁ ଛୁଟି ଆସିଛନ୍ତି ସାଧୁ ମହାତ୍ମା ମାନେ । ଏଠାକୁ ଛୁଟି ଆସିଛନ୍ତି ଅଚାର୍ଯ୍ୟ ଶଙ୍କର,ଗୁରୁ ନାନକ, କବୀର, ସନ୍ଥ ତୁଳସୀ ଦାସ, ଶ୍ରୀ ଚୈତନ୍ୟ ପ୍ରଭୃତି ମହାତ୍ମା ମାନେ । ସେହିପରି ଦିନେ ଏଠାକୁ ସମସ୍ତ ରାଜ ଐଶ୍ୱର୍ଯ୍ୟ ତ୍ୟାଗ କରି ଚାଲି ଆସି ଥିଲେ ସୁଦୂର ବଙ୍ଗଳାରୁ ଗଙ୍ଗାମାତା । ଗଙ୍ଗା ମାତାଙ୍କ ସ୍ମୃତି ବହନ କରୁଛି, ଶ୍ରୀକ୍ଷେତ୍ରରେ ବିରାଜିତ ଆଜିକାର ଗଙ୍ଗାମାତା ମଠ ।

ବଙ୍ଗଳାର (ଆଧୁନିକ ବଙ୍ଗଳାଦେଶ) ରାଜସାହି ଜିଲ୍ଲାନ୍ତର୍ଗତ ପୁଣ୍ଟିଆନାମକ ରାଜ୍ୟର ରାଜା ଥିଲେ ନରେଶନାରାୟଣ ଦେବ । ତାଙ୍କର ଦୁହିତା ଥିଲେ ସଚୀଦେବୀ । ବାଲ୍ୟ କାଳରୁ ସଚୀ ଦେବୀ ଥିଲେ ପରମ ବିଷ୍ଣୁଭକ୍ତ । ରାଜକୁମାରୀର ବିବାହ ବୟସ ଉପନୀତ ହେବାରୁ, ରାଜା ତାଙ୍କ ବିବାହ ଦେବାକୁ ଚାହିଁଲେ । ମାତ୍ର ସେ ବିବାହକୁ ପ୍ରତ୍ୟାଖ୍ୟାନ କରି ଚାଲିଗଲେ ବୃନ୍ଦାବନ । ସେଠାରେ ସେ ହରିଦାସ ଠାକୁରଙ୍କୁ ଗୁରୁକରି ତାଙ୍କଠାରୁ ମନ୍ତ୍ରଦୀକ୍ଷା ନେଇ ଭଗବାନ ଶ୍ରୀକୃଷ୍ଣଙ୍କ ଭକ୍ତିରସରେ ବୁଡ଼ି ରହିଲେ ।

ଦିନେ ହରିଦାସ ତାଙ୍କୁ କହିଲେ, ତୁମେ ଶ୍ରୀକ୍ଷେତ୍ର ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କର ।

ଶଚୀ ଦେବୀ ଶ୍ରୀକ୍ଷେତ୍ର ଚାଲି ଆସିଲେ ଓ ଶ୍ୱେତ ଗଙ୍ଗା ଦକ୍ଷିଣତଟରେ ଅବସ୍ଥାନ କରି ମହାପ୍ରଭୁଙ୍କ ଭଜନ କୀର୍ତ୍ତନରେ ଲାଗି ରହିଲେ । ପ୍ରତ୍ୟହ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ । ଥରେ ଗଙ୍ଗାବାରୁଣୀ ସ୍ନାନ ଯୋଗ ପଡ଼ିଲା । ବହୁ ଭକ୍ତ ଶ୍ରୀକ୍ଷେତ୍ରରୁ ବାରୁଣୀ ସ୍ନାନକୁ ବାହାରିଲେ । ଯଦିଓ ତାଙ୍କର ଗଙ୍ଗା ସ୍ନାନ ପାଇଁ ମନ କହୁଥାଏ, ସେ କିନ୍ତୁ ମହାପ୍ରଭୁଙ୍କ ସେବା ପୂଜାରେ ବ୍ୟାଘାତ ହେବ ଚିନ୍ତାକରି ଆଉ ଯାଇପାରିଲେ ନାହିଁ ।

ବହୁ ମନ କଷ୍ଟରେ ସେ ଥାନ୍ତି, ଶ୍ରୀଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ,ତୁ ଦୁଃଖ କରନାହିଁ, ଗଙ୍ଗାସ୍ନାନ ଯୋଗ ଦିନ, ତୁ ଯାଇ ଶ୍ୱେତ ଗଙ୍ଗାରେ ସ୍ନାନକରି ଗଙ୍ଗାସ୍ନାନର ଫଳ ପାଇବୁ । ସେହିଠାରେ ଗଙ୍ଗା ଦେବୀ ଆବିର୍ଭୂତହୋଇ ତୋ ମନୋବାଞ୍ଛା ପୂରଣ କରିବେ । ତାହାହିଁ ହେଲା । ଅର୍ଦ୍ଧରାତ୍ରୀରେ ଶଚୀ ଦେବୀ ଶ୍ୱେତ ଗଙ୍ଗାକୁ ସ୍ନାନ ପାଇଁ ଗଲେ । ଗଙ୍ଗା ଦେବୀଙ୍କୁ ଶ୍ରୀଜଗନ୍ନାଥ ତାଙ୍କ ଶ୍ରୀପଦରୁ ନିଃସୃତ କରାଇ, ଶ୍ୱେତ ଗଙ୍ଗାରେ ପ୍ରବାହିତ କରାଇଲେ । ସେହି ସ୍ରୋତରେ ତଡ଼ିତହୋଇ ଶଚୀଦେବୀ ରତ୍ନ ସିଂହାସନ ନିକଟରେ ପହଞ୍ଚିଗଲେ । ମହାପ୍ରଭୁଙ୍କୁ ଦର୍ଶନ କରି ସେ ଭାବାବିଷ୍ଟ ହୋଇପଡ଼ିଲେ, ବାହ୍ୟ ଜ୍ଞାନ ରହିଲା ନାହିଁ ତାଙ୍କର ।

ପ୍ରଭାତ ହେବାରୁ, ମନ୍ଦିର ପହଡ଼ ଫିଟିଲା । ପଣ୍ଡା ମୁଦିରଥମାନେ ତାଙ୍କୁ ଏଭଳି ଅସମୟରେ ମନ୍ଦିର ଭିତରେ ଦେଖି ଆଶ୍ଚର୍ଯ୍ୟହେଲେ ଓ ଏ ଅନଧିକାର ପ୍ରବେଶ ପାଇଁ ରାଜା ମୁକୁନ୍ଦ ଦେବଙ୍କୁ ଦଣ୍ଡାଦେଶ କରିବାକୁ ଗୁହାରିକଲେ । ମୁକୁନ୍ଦଦେବ ତାଙ୍କୁ ଦଣ୍ଡ ଦେବା କଥା ଚିନ୍ତା କରି ନିଦ୍ରା ଯାଇଥାନ୍ତି ରାତିରେ ସ୍ୱପ୍ନ ଦେଖିଲେ ମହାପ୍ରଭୁ ତାଙ୍କୁ କହୁଛନ୍ତି, ରାଜା ! ଶଚୀଦେବୀ ମୋର ପରମ ଭକ୍ତ । ଗଙ୍ଗା ବାରୁଣୀ ସ୍ନାନକୁ ସେ ନଯାଇ ପାରି ଖୁବ୍ ସନ୍ତାପରେ ଥାଇ ମୋ ନିର୍ଦ୍ଦେଶରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ସ୍ନାନ ପାଇଁ ଯାଇଥିଲା ମୁଁ ତାକୁ ଗଙ୍ଗାସ୍ରୋତରେ ଭସାଇ ଆଣିଛି । ତାହାର କିଛି ଦୋଷନାହିଁ । ମୋ ପରମ ଭକ୍ତପାଇଁ ସମସ୍ତବ୍ୟବସ୍ଥା ଖଞ୍ଜିଦିଅ । ତାଙ୍କୁ କ୍ଷମା ମାଗି ରାଜା ଭୂସମ୍ପତ୍ତି ଖଞ୍ଜିଦେବା ପାଇଁ ବ୍ୟବସ୍ଥା କଲେ । ମାତ୍ର ଧନ ବିମୁଖୀ ଶଚୀଦେବୀ ତାହାକୁ ଗ୍ରହଣ କଲେ ନାହିଁ ।

ପୁନଶ୍ଚ ରାଜାଙ୍କୁ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହେବାରୁ ରାଜା ଶ୍ୱେତଗଙ୍ଗା ନିକଟର ଯେଉଁଠି ଶଚୀଦେବୀ ଅବସ୍ଥାନ କରୁଥିଲେ ସେ ଯାଗାକୁ ତାଙ୍କ ନାମରେ ଲେଖି ଦେଲେ । ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କର ସେଠି ଏକ ଜରାଜୀର୍ଣ୍ଣ



ବାସ ଗୃହ ଥିଲା । ତାକୁ ଉଦ୍ଧାର କରି ଶଚୀଦେବୀ ସେହିଠାରେ ଅବସ୍ଥାନ କଲେ । ସେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପୂଜିତ ଶ୍ରୀରାଧେଶ ଦାମୋଦର ଶାଳଗ୍ରାମଙ୍କୁ ରୂପାସିଂହାସନ ସହିତ ଆଣି ନିଜ ସେବାମନ୍ଦିରରେ ରଖି ଅର୍ଚ୍ଚନା କଲେ । ସେହି ଦିନଠାରୁ ଶଚୀଦେବୀ ପରିଚିତ ହେଲେ ଗଙ୍ଗାମାତା ନାମରେ ଏବଂ ତାଙ୍କ ସେବା ମନ୍ଦିର ପରିଚିତ ହେଲା ଗଙ୍ଗାମାତା ମଠ ନାମରେ ।

ମହାପ୍ରଭୁ ଗଙ୍ଗାମାତାଙ୍କ ପାଇଁ ଚରଣରୁ ଗଙ୍ଗାଙ୍କୁ ନିସୃତ କରାଇଥିବାରୁ ତାଙ୍କ ଅଭିଷେକରେ ଗଙ୍ଗା ଜଳ ବ୍ୟବହୃତ ହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ପ୍ରତି ଗଙ୍ଗାମାତାଙ୍କ ଅବିଚଳ ଭକ୍ତିର ନିଦର୍ଶନ ସ୍ୱରୂପେ ପୁରୁଷୋତ୍ତମ କ୍ଷେତ୍ରରେ ଆଜି ବିରାଜମାନ କରୁଛି ଶ୍ୱେତଗଙ୍ଗା ସରୋବର ଓ ଗଙ୍ଗାମାତା ମଠ । ଗଙ୍ଗା ମାତା ମଠର ମହାପ୍ରଭୁଙ୍କ ନିମନ୍ତେ ରହିଛି ସ୍ୱତନ୍ତ୍ର ସେବା । ଗୁଣ୍ଡିଚାଘରେ ଦିଅଁମାନଙ୍କ ଆଡ଼ପ ବିଜେ ସମୟରେ ଗଙ୍ଗାମାତା ମଠ ତରଫରୁ ପନ୍ତି ଭୋଗର ବ୍ୟବସ୍ଥା ହୋଇଥାଏ ।

ବିଶ୍ୱାସ ରହିଛି, ସର୍ବ ପାପ ବିନାଶକ ଶ୍ୱେତ ଗଙ୍ଗା ସରୋବରରେ ସ୍ନାନ ଏବଂ ଶ୍ୱେତମାଧବଙ୍କ ଦର୍ଶନ ଦ୍ୱାରା ଜନ୍ମଜନ୍ମର କଳୁଷ ଖଣ୍ଡନ ହୋଇ, ପ୍ରାଣୀଙ୍କୁ ମୋକ୍ଷ ପ୍ରାପ୍ତ ହୋଇଥାଏ ।

ଓଁଓଁଓଁ (ତଥ୍ୟ ସ୍ରୋତ- ଗୁଗୁଲ୍)


+ଶାରଳା ଭବନ
ପୋତାପୋଖରୀ କଟକ-୪
ମୋ:୯୩୩୭୨୭୨୬୬୪୭





### ଦେଖି ତୁମ ସୁନ୍ଦରତା

ପ୍ରଶାନ୍ତ କୁମାର ନାୟକ



ବିବେକହୀନା ତୁମେ କି ପ୍ରେମ କରିବ
ଭାବେ ଏହା ମୋର ଛାତି,
ହେଲେ ମନ ଉଡେ ପବନ ବେଗରେ
ମାନେ ନାହିଁ ଦିନ ରାତି ।।

ସରମି ଲତାଟେ ଭଳି ତୁମେ ସିନା
ଲାଜରେ ମୁରୁକି ହସ,
ଚନ୍ଦ୍ରମା ପଡ଼ିବ ଫିକା ତୁମ ଆଗେ
ଦେଖି ତୁମ ରୂପ ବେଶ ।।

ରହିଅଛି ସାକ୍ଷୀ ଇତିହାସ ଆଜି
ପ୍ରେମ କରେ ଟିକେ ଦୁଷ୍ଟ,
କୃଷ୍ଣଙ୍କ ପ୍ରେମରେ ପାଗେଳି ରାଧିକା
ପାଇଅଛି କେତେ କଷ୍ଟ ।।

ମୁଁ ଛାର୍ ମଣିଷଟେ ମନ ବିଚଳିତ
ଦେଖି ତୁମ ସୁନ୍ଦରତା,
ହେଲେ ଶରୀରଠୁ ଆହୁରି ମଧୁର
ଲାଗେ ତୁମ ପବିତ୍ରତା ।।

ତୁମରି ମନ ଓ ତୁମ ଶରୀର
ଦେଇଛ ମୋ ନାମେ ଲେଖି,
ହେଲେ ସତକଥା ସବୁଠୁ ସୁନ୍ଦର
ଲାଗେ ମୋତେ ତୁମ ଆଖି ।


+ୟୁନିଟ୍- ୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


### ପ୍ରତିଶୃତି

ମୋହନ କୁମାର ସ୍ୱାଇଁ

ଯାହା ତ ହେବାର ଅଛି, ତାହା ହେବ
ସାଥିରେ ସମୟ ଥିବ
କେହିବି ସେଥିରୁ ବାଦ ପଡିବେନି
ଆପେ ଆପେ ହେଉଥିବ ।

କହୁକହୁ ଆମେ କହି ଦେଉଅଛେ
କିଛି ଅସମ୍ଭବ ନୁହେଁ
କାମକୁ ଦେଖିଲେ ଜଣା ପଡ଼ିଯାଏ
କେତେ ସତ କଥା ଇଏ ।

ନିତି ଓ ଆଦର୍ଶ ନିଜର ନ ଥିଲେ
ଯେତେ ପ୍ରତିଶ୍ରୁତି ଦିଅ
କେଇଦିନ ପରେ ସକଳ ଯୋଜନା
ଆପେ ହୋଇଯାଏ ଢିଅ ।

ଅନେକ ଦିଅନ୍ତି ମଞ୍ଚରେ ଭାଷଣ
କରିଦେବି ଏସା ତେସା
କେଇଟା ଦିନରେ ଜଣା ପଡ଼ିଯାଏ
କେତେ ଓଜନର ଭାଷା ।

ଅସମ୍ଭବ କେବେ ସମ୍ଭବ ହୁଏନି
କହିଲେ ବି ବାରବାର
ପ୍ରତିଶୃତି ତାର ଆପେ ବନି ଯାଏ
ଗୋଟିଏ ପାଣିର ଗାର ।

ଯେତିକି ପାରିବ ସେତିକି କରିବ
ଏ ତ ମଣିଷର ଧର୍ମ
ଅଯଥା କଥାରେ ମଥାକୁ ଖେଳେଇ
ବିଗାଡନି ନିଜ କର୍ମ ।


+ବେଣପୁର, କଣ୍ଟିଗଡିଆ,
ଯାଜପୁର

# ବିଲୁଆ ଶିକ୍ଷା ପାଇଲା

## ସୁବ୍ରତ କୁମାର ଦାସ





ଘଞ୍ଚ ସୁନ୍ଦର ସବୁଜ ଜଙ୍ଗଲଟିଏ ଥିଲା। ସେ ଜଙ୍ଗଲରେ ଗଛ ଗୁଡ଼ିକର ସବୁଜ ପତ୍ର ଖିଲିଖିଲି ହୋଇ ହସୁଥିଲେ। ପକ୍ଷୀମାନେ ମନ ଆନନ୍ଦରେରେ ଗୀତ ଗାଉଥିଲେ । ଝରଣାର କୁଳୁକୁଳୁ ନାଦ ଓ ସ୍ୱଚ୍ଛ ପାଣି ପଥର ଛାତି ଉପର ଦେଇ ବହି ଯାଉଥିଲା। ଜଙ୍ଗଲରେ ବିଲୁଆ, ହରିଣ, ଠେକୁଆ, ମାଙ୍କଡ ସମେତ ଅନେକ ପଶୁମାନେ ମିଳିମିଶି ରହୁଥିଲେ।

ବିଲୁଆ ଖୁବ୍ ଚତୁର ବୋଲି ଜଙ୍ଗଲର ସବୁ ପଶୁ ପକ୍ଷୀ ଜାଣିଥିଲେ। କିନ୍ତୁ ତା'ର ଅଳସୁଆ ଭଳି ଏକ ଖରାପ ଅଭ୍ୟାସ ଥିଲା । ସବୁଦିନ ସକାଳେ ଉଠିବାକୁ ତା'ର ଇଚ୍ଛା ହୁଏନାହିଁ। ଦିନର ଅଧିକାଂଶ ସମୟରେ ସେ ଗଛ ତଳେ ପଡ଼ି ଶୋଇ ରହୁଥିଲା। ମାଙ୍କଡ ଓ ଠେକୁଆ ପ୍ରତିଦିନ ଏ ଗଛରୁ ସେ ଗଛ ହୋଇ ଖାଦ୍ୟ ସଂଗ୍ରହ କରୁଥିଲେ। ହରିଣ ଜଙ୍ଗଲ ସଫା କରିବାରେ ସାହାଯ୍ୟ କରୁଥିଲା। ସେମାନେ ବିଲୁଆକୁ କହୁଥିଲେ, "ବିଲୁଆ ଭାଇ, ଆସ, ଆମ ସହ କାମ କର। ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଦରକାର।" କିନ୍ତୁ ବିଲୁଆ ହସି ଉତ୍ତର ଦେଉଥିଲା—"ମୁଁ ଏତେ ଶକ୍ତିଶାଳୀ, ମୋ ପାଇଁ କିଛି ସମସ୍ୟା ନାହିଁ।" କିଛି ଦିନ ପରେ ଜଙ୍ଗଲରେ ହଠାତ୍ ଭୟଙ୍କର ଶୀତ ପଡ଼ିଲା। ବର୍ଷା ବନ୍ଦ ହେଲା, ଫଳ ମିଳିଲାନି। ପଶୁମାନେ ଯେଉଁମାନେ ପୂର୍ବରୁ ଖାଦ୍ୟ ଜମା କରିଥିଲେ, ସେମାନେ ସୁରକ୍ଷିତ ରହିଲେ। କିନ୍ତୁ ବିଲୁଆ ଭୋକିଲା ରହିଲା। ଦିନକୁ ଦିନ ସେ ଦୁର୍ବଳ ହେବାକୁ ଲାଗିଲା। ଶେଷରେ ଲଜ୍ଜା ଓ ଦୁଃଖର ସହିତ ସେ ହରିଣ ପାଖକୁ ଯାଇ କହିଲା। ହରିଣ ଭାଇ;—"ମୁଁ ଅଳସୁଆ ହୋଇ ଖୁବ୍ ଭୁଲ କରିଛି। ମୋତେ ତୁମେ ବଞ୍ଚାଅ । ହରିଣ ଗମ୍ଭୀର ଭାବରେ କହିଲା ଦେଖ, ବିଲୁଆ -"ଭୁଲ ବୁଝିବା ହିଁ ପ୍ରଥମ ଶିକ୍ଷା।" ସମସ୍ତ ପଶୁ ମିଶି ବିଲୁଆକୁ ସାହାଯ୍ୟ କଲେ। ସେହି ଦିନଠାରୁ ବିଲୁଆ ତାର ସ୍ୱଭାବ ବଦଳାଇ ଦେଲା। ସକାଳେ ଶୀଘ୍ର ଉଠିଲା, କାମ କଲା, ଛୋଟ ପଶୁମାନଙ୍କୁ ସୁରକ୍ଷା ଦେଲା। କାଳକ୍ରମେ ବିଲୁଆ ଖାଲି ଶକ୍ତିଶାଳୀ ନୁହେଁ, ପରିଶ୍ରମୀ ଓ ଦୟାଳୁ ମଧ୍ୟ ହେଲା। ଛୋଟ ଛୋଟ ପଶୁମାନେ ତା'ଠାରୁ ଶିଖିଲେ, ନିଷ୍ଠାର ସହ କାମ କଲେ ଓ ଭୁଲ ବୁଝି ତହିଁକୁ ସଂଶୋଧନ କଲେ ଭବିଷ୍ୟତ ସୁଧୁରି ଯାଏ ଓ ଜୀବନ ସୁନ୍ଦର ହୁଏ।"


+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩


# ମଲ୍ଲୀ ଓ ମନ୍ଦାର

## ରମେଶ ଚନ୍ଦ୍ର ଦାଶ





ମଲ୍ଲୀଫୁଲ ଦିନେ ମନ୍ଦାରଫୁଲକୁ କହିଲା- ତୁମର ବାସନା ନାହିଁ। ସେଥିପାଇଁ ଲୋକମାନେ ତୁମକୁ ଆଦର କରନ୍ତି ନାହିଁ। କେବଳ ଦେବତାଙ୍କ ମୁଣ୍ଡରେ ବା ବେକରେ ତୁମେ ଶୋଭାପାଅ। ମନ୍ଦାରଫୁଲ ମୁହଁକୁ ଶୁଖାଇ କହିଲା- ସତକଥା। ମୋର ବାସନା ନାହିଁ। କିନ୍ତୁ ମୋର ରଙ୍ଗ ତ ଅଛି। ଭଳିକି ଭଳି ରଙ୍ଗରେ ମୁଁ କେମିତି ଦେବତାମାନଙ୍କ ବେକରେ ଶୋଭାପାଏ  ତୁ କ'ଣ ଦେଖିନୁ ? ଏତିକିବେଳେ ସେହି ଗାଆଁର ସନିଆ ସେହି ବାଟରେ ଯାଉଥିଲା। ଏ ଦୁହିଁଙ୍କର କଳି ଶୁଣି ତାକୁ ଭାରି ମଜାଲାଗିଲା। ସେ ସେଠି ଟିକେ ଅଟକିଗଲା। ମନ୍ଦାର କଥାରେ ମଲ୍ଲୀ ଚିହିଁକି ଗଲା ଓ କହିଲା- ତୋ ଭଳି ମୂର୍ଖ ଏ ସାରା ଜଗତରେ କେହି ନାହିଁ। ଏ ସୃଷ୍ଟିରେ ମଣିଷ ହେଉଛି ସବୁଠୁ ବୁଦ୍ଧିଆ। ତେଣୁ ସେ ମୋତେ ବେକରେ ପକାଇ ଆନନ୍ଦ ପାଉଛି। ମୋ ମାନମହତ ତୋଠାରୁ ଅଧିକ। ତୁ କେବଳ ଠାକୁରଙ୍କ ଦେହରେ ଶୋଭାପାଉ।

ମନ୍ଦାର କି ଛାଡ଼େ ! ସେ କହିଲା- ଶୁଣ, ତୁ ଯେଉଁ ଠାକୁରଙ୍କ କଥା କହୁଛୁ ମଣିଷ ତାଙ୍କ ପାଦତଳେ ମୁଣ୍ଡିଆ ମାରେ। କୌଣସି ଭଲକାମ କରିବାକୁ ଗଲାବେଳେ ସେମାନଙ୍କର ଆଶୀର୍ବାଦ ଲୋଡ଼େ। ହଁ, ଆଉ ଗୋଟିଏ କଥା। ତୁ ବି ଠାକୁରଙ୍କ ପାଖରେ ମୋ ସାଥିରେ ରହୁ, ଏକଥାଟି ଜାଣିଛୁ କି ନାହିଁ ? ମୋ ପାଖରେ ତୁ ରହିବା ବେଳେ ତୋତେ କେହି ଚିହ୍ନିପାରନ୍ତି ନାହିଁ। ତୁ ମୋ ରଙ୍ଗ ଆଗରେ ମଳିନ ଦେଖାଯାଉ।

ମଲ୍ଲୀଫୁଲ କହିଲା- ମୁଁ ସିନା ମଳିନ ଦେଖାଯାଏ କିନ୍ତୁ ମୋ ବାସନାରେ ତ ସମସ୍ତେ ମୁଗ୍ଧ ହୁଅନ୍ତି। ତାହା ଶୁଣି ମନ୍ଦାର କହିଲା- ତୁ ବର୍ଷସାରା କୁଆଡ଼େ ଯାଉ। ଖରାଦିନ ଆସିଲେ ଟିକେ ମହକାଇବାକୁ ଆସିଥାଉ। ମୁଁ ତ ଲୋକମାନଙ୍କ ସେବାରେ ସବୁବେଳେ ଥାଏ। ଏତିକିବେଳେ ସନିଆ ହସି ହସି କହିଲା- ଏ ସୃଷ୍ଟିରେ ସମସ୍ତଙ୍କର ସ୍ୱତନ୍ତ୍ର ଆଦର ଓ ଆବଶ୍ୟକତା ରହିଛି। ତେଣୁ ନିଜ ନିଜ ମଧ୍ୟରେ କଳି ନକରି କ୍ଷମତା ମୁତାବକ ଅନ୍ୟକୁ ସାହାଯ୍ୟ କଲେ ଏ ଧରା ହସିବ।

ସନିଆର କଥା ଶୁଣି ଦୁହେଁ ଚୁପ୍ ରହିଲେ। ତାପରେ ସନିଆ ଗହିଲା- ମନକୁ ସଂକୀର୍ଣ୍ଣ କରିବାଟା ଆଗେଇବା ପାଇଁ ଭଲ ବାଟ ନୁହେଁ।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ:୯୭୭୬୨୩୮୫୨୨


# ଆମ ବିଦ୍ୟାଳୟ

## ଶ୍ରୀ ଅଭୟ କୁଣ୍ଡ

ଆମ ଗାଁ ମୁଣ୍ଡେ ଥିଲା ଘର ଖଣ୍ଡେ
ଯାଇଥିଲି ଦିନେ ବାପାଙ୍କ ସଙ୍ଗେ
ମନେ ଅଛି ମୋର ଚଟେଇରେ ବସି
ଚିହ୍ନିଥିଲି ସେଠି ଅକ୍ଷର ଆଗେ ।

ଡାକି ନେଇ ଗୁରୁ ପାଖରେ ବସାଇ
ପଚାରିଲେ ନାମ ଆଦର କରି
ତିନି ଗୋଟି ଶୁନ୍ୟ ସ୍ଲେଟ୍ ରେ ଲେଖି
କହିଲେ ମଡାଅ ଖଡ଼ିଟି ଧରି ।

କ୍ରମେ କ୍ରମେ ଲେଖି ଶିଖିଲି ଅକ୍ଷର
'ଅ' ଠାରୁ 'କ୍ଷ' ଶିଖିଲି ପାଠ
ଭଲ ପାଠ ପଢ଼ି ପ୍ରଶଂସା ପାଇଲି
ଦୁଷ୍ଟାମୀ କରି ମୁଁ ଖାଇଲି ଛାଟ ।

ସଂଖ୍ୟା ସହ ପଣିକିଆ ମୁଁ ଶିଖିଲି
ମିଶାଣ ଫେଡାଣ ଗୁଣନ ଭାଗ
ମାତ୍ରା ଫଳା ଯୁକ୍ତାକ୍ଷର ମୁଁ ଶିଖିଲି
ବହି ପଢିବାକୁ ହେଲି ମୁଁ ଯୋଗ୍ୟ ।

ପଢିଲି ସାହିତ୍ୟ ଅଙ୍କ ଇତିହାସ
ଇଂରାଜୀ ଭୂଗୋଳ ହିନ୍ଦୀ ବିଜ୍ଞାନ
ହେଲି ଉତ୍ସାହିତ ଜାଣିବି ବହୁତ
ପଢ଼ିବାରେ ମୋର ବଳିଲା ମନ ।

ବିଦ୍ୟାଳୟ ଆମ ବିଦ୍ୟାର ମନ୍ଦିର
ବିଦ୍ୟାଦାତା ଗୁରୁ ଆମ ଦେବତା
ଶିଖିଥିଲି ଏଠି ପ୍ରଥମ ଅକ୍ଷର
ଗାଇଥିଲି କେତେ ଶିଶୁ କବିତା ।

ଭାବିଲେ ସେ କଥା ଲାଗେ ମନେବ୍ୟଥା
ଆଉ କି ଶୈଶବ ଆସିବ ଫେରି
ଗାଇବି ପ୍ରାର୍ଥନା ଶ୍ରୀ ଗୁରୁ ବନ୍ଦନା
ଗୁରୁ ପାଦ ତଳେ ମୁଣ୍ଡିଆ ମାରି ।

କେତେ ସହପାଠୀ ସଂସାରୁ ଗଲେଣି
ବେଳ ହେଲେ ଯିବା ଆମେ ବି ଫେରି
ତୁମେ କିନ୍ତୁ ଥିଲା ଅଛ ଓ ରହିବ
ସ୍ମୃତି ଅନୁଭୂତି ବକ୍ଷରେ ଧରି ।


+ସହକାରୀ ଶିକ୍ଷକ
ପଡିଆଭଙ୍ଗା ହାଇସ୍କୁଲ, ତାଳଚେର


# କୁନା ମନ ବୁଝିଗଲା

## ରମେଶ ଚନ୍ଦ୍ର ନାୟକ

ମାଆଲୋ ମାଆ ଶୁଣୁନ କିଆଁ
ମୋବାଇଲି ଟେ ଦିଅ
ଅନେକ ଥର ମୁଁ ମାଗିଲିଣି
ଦେବକି ନାହିଁ କୁହ ।
ଗଛରେ ଚଢ଼ି ଗାଡ଼ିରେ ଉଡ଼ି
ଦୃଶ୍ୟ ଦେଖାନ୍ତି ପିଲେ
ଫଟୋ ଉଠାନ୍ତି ସେଲ୍ଫି ନିଅନ୍ତି
ପୋଖରୀ ନଦୀ କୂଳେ ।
ଚାହିଁ ମୁଁ ଥାଏ କିଛି ନ କୁହେ
ଦେଖିକି ତାଙ୍କ ଖୁସି
ମନରେ କେତେ ଭାବନା ନେଇ
ସେଠାରୁ ଆସେ ଖସି ।
ମୋ ସାଙ୍ଗ ସାଥୀ ଥଟ୍ଟା କରନ୍ତି
କହନ୍ତି କେତେ କଥା
ଗରୀବ ପିଲା କାହୁଁ ପାଇବ
ଶୁଣି ଘୂରଇ ମଥା ।
କୁନା କଥାକୁ ଶୁଣି ତାହାକୁ
କହିଲା ତା'ର ବୋଉ
ସେ ଯନ୍ତ୍ର ନେଇ ଚାହୁଁ କି ତୁହି
ପାଠ ଚୁଲିକି ଯାଉ ।
ଛୁଆଙ୍କ ପାଇଁ ଭଲ ନୁହଁଇ
ଦେଖିଲେ ମୋବାଇଲି
ବିନ୍ଧିବ ମଥା ଆଖିର ବ୍ୟଥା
ଆସିବ କବାଟ ଖୋଲି ।
ପାଠ ପଢାରେ ଧ୍ୟାନ ତୁଟେରେ
ଅଯଥା ବେଳ ବିତେ
ଦେଖିଲା ବେଳେ ଅରୁଚିକର
ଫଟୋ ଆସଇ କେତେ ।
ବହି ତୁ ପଢ ଜିତିବୁ ଗଡ଼
ବଡ଼ ହୋଇବୁ ଯେବେ
ଧରି ତୁ ହାତେ ମୋବାଇଲିଟେ
କଥା ହୋଇବୁ ତେବେ ।
କୁନା ବୁଝିଲା ହସି କହିଲା
ଆଉ ମାଗିବି ନାହିଁ
ଦୁଷ୍ଟ ପିଲାଙ୍କ ଛାଡ଼ିବି ସାଙ୍ଗ
କଥା ଦେଉଛି ମୁହିଁ ।


କେଶରପୁର , ବକ୍ସି ବଜାର , କଟକ
ମୋ: ୭୯୭୮୧୫୧୭୧୦


# ନିସ୍ୱାର୍ଥପରତା

## ସତ୍ୟନାରାୟଣ ପ୍ରଧାନ

ହରିପୁର ନାମକ ଗୋଟିଏ ଗାଁରେ ମୋହନ ବୋଲି ଲୋକଟିଏ ରହୁଥିଲା । ସକାଳ ହେଲେ ଗାଁ ଗଣ୍ଡାକୁ କାମରେ ବାହାରି ଯାଇ ସନ୍ଧ୍ୟାରେ ଯାଇ ଘରକୁ ଫେରୁଥିଲା । ସେ ଯାହା ରୋଜଗାର କରୁଥିଲା ସୁଖ ହେଉ ବା ଦୁଃଖରେ ପରିବାର ଚଳି ଯାଉଥିଲା । ତାର କୁନି ପୁଅ ମାଧବ ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢେ ଆଉ ଭଲ ଖେଳେ ମଧ୍ୟ । ଉପର ବେଳା ଖେଳ ପିରିୟଡ଼ରେ ସାଙ୍ଗ ମାନଙ୍କ ସହିତ କ୍ରିକେଟ୍ ଖେଳି ଭାରି ଆନନ୍ଦ ପାଏ । ଛୁଟି ହେଲା ପରେ ଗାଁରେ ପିଲାମାନେ ଖେଳୁଥିବା ସମୟରେ ତାକୁ କେହି ଦେଖିଲେ ଡାକନ୍ତି ନାହିଁ । ସେ ସମସ୍ତଙ୍କଠାରୁ ଭଲ ଖେଳୁ ଥିବାରୁ ବ୍ୟାଟ୍ ଧରିଲେ ଆଉଟ୍ କରିବା ଏତେ ସହଜ ନୁହେଁ । ସେଥିପାଇଁ ତାକୁ କେହି ଖେଳାଇ ହଇରାଣ ହେବାକୁ ଇଚ୍ଛା କରୁ ନ ଥିଲେ ।

ସେ ଅନେକ ସମୟରେ ତାର ବାପାକୁ ଗୋଟେ ନୂଆ ବ୍ୟାଟ୍ କିଣିଦେବାକୁ କହିଥିଲା । ହେଲେ ଟଙ୍କା ଅଭାବରୁ କିଣିବା ତାଙ୍କ ପାଖରେ ସମ୍ଭବ ନ ଥିଲା । ସେ ମନଦୁଃଖ କଲେ ବି ପରିବାର ଅଭାବ ଅସୁବିଧା ପାଇଁ ବାପାଙ୍କୁ କିଛି ଖୋଲି କହେନାହିଁ । ପୁଅର ମନକଥା ବାପା ଜାଣିପାରିଲେ ବି କିଛି ସାହାଯ୍ୟ କରିପାରୁ ନ ଥିବାରୁ ଅନ୍ତରରୁ ଦୁଃଖ ପ୍ରକାଶ କରନ୍ତି । ଦିନେ ସନ୍ଧ୍ୟାରେ ପିଲାମାନେ ଖେଳୁଥିବା ସମୟରେ ସେ ମୁହଁ ଖୋଲି ସାଙ୍ଗରେ ମିଶାଇବା ପାଇଁ କାନ୍ଦିଲା ଭଳି ଅନୁରୋଧ କରି କହିଲା । ସେମାନେ ତାକୁ ଖେଳଇବା ବଦଳରେ ଥଟ୍ଟା ପରିହାସ କରି ସେଠାରୁ ବିଦା କରିଦେଲେ । ରାତିରେ ବାପା ଏ କଥା ଜାଣିବା ପରେ ପୁଅକୁ ପର ଧନ ଦେଖି ଆଦୌ ଲୋଭ କରିବା ଉଚିତ ନୁହେଁ ବୁଝାଇ କହିଥିଲେ । ଆମର ଯାହା ଅଛି ସେଥିରେ ଚଳିବା ସମୟ ଆସିଲେ ସବୁ ବଦଳି ଯିବ । ସେ ବାପାଙ୍କ ଉପଦେଶ ବୁଝି ଆଉ କାହା ଜିନିଷକୁ ଲୋଭ କରିଲା ନାହିଁ ।

ଦିନେ ବାପା ତାର କାମରୁ ଘରକୁ ଫେରିଲା ବେଳେ ରାସ୍ତାରେ ଗୋଟେ ଗାଡିରେ କିଛି ଜିନିଷ ଲଦା ହୋଇ ଯାଉଥିବାର ଦେଖିଲା । ଆଗରେ ଉଠାଣି ପଡିବାରୁ ପଛରୁ ଲଦା ହୋଇଥିବା ଜିନିଷରୁ ଗୋଟେ ଅଖା ଗଳି ପଡିଲା । ସେ ପଛରୁ ଦେଖି ତାକୁ ଉଠାଇ ଡାକିବାକୁ ଚାହିଁଲା ବେଳେ ଗାଡିଟି ଚାଲି ଯାଇଥିଲା । ସେ ଜିନିଷଟି ପାଇ ତାକୁ କିପରି ଫେରାଇବ ମନରେ ଭାବି ଆଗକୁ ମାଡି ଚାଲିଲା । ସେଇ ଗାଡିଟି ରାସ୍ତା କଡ଼ ଦୋକାନରେ ଠିଆ ହୋଇଥିବାର ଦେଖି ସେଠାରେ ଅଟକି ଯାଇ ସେ ଜିନିଷକୁ ଫେରାଇ ଦେଲା । ମାଲିକଟି ଜିନିଷ ଫେରି ପାଇବା ପରେ ମୋହନର ନିସ୍ୱାର୍ଥପରତା ଦେଖି ଖୁସି ହେବା ସହ ତା ଘର ପରିବାରରେ କିଏ ଅଛନ୍ତି ପଚାରିଲା । ସେ ନିଜ ପୁଅ ଆଉ ସ୍ତ୍ରୀ ଘରେ ଅଛନ୍ତି ବୋଲି କହିଲା । ସେଇ ଲୋକଟି ମୋହନ ନେବାକୁ ମନା କଲାବେଳେ ବାଧ କରି ଗାଡ଼ିରେ ଲଦା ହୋଇଥିବା ଖେଳନା ଭିତରୁ ଗୋଟେ ବ୍ୟାଟ୍ ତା ହାତରେ ଧରାଇ ଦେଇ ଖୁସିରେ ବିଦାୟ ନେଇ ଚାଲିଗଲା । ଘରେ ପହଞ୍ଚି ପୁଅକୁ ବ୍ୟାଟ୍ ଦେବାରୁ ସେ ଖୁସିରେ ନାଚି ଯାଉଥିଲା । ଜୀବନରେ କାହାର ମଙ୍ଗଳ ବିନା ସ୍ୱାର୍ଥରେ କଲେ ଭଗବାନ ଇଚ୍ଛା କରୁଥିବା ଜିନିଷକୁ ଡେରି ହେଉ ପଛେ ହାତରେ ଦେବାକୁ ଚାଲି ଆସନ୍ତି ବୋଲି ତା ଭାବନା ରାଜ୍ୟରେ ଉଙ୍କି ମାରୁଥିଲା।




+ଅଣ୍ଡିଆ, ଯାଜପୁର ,
ମୋ :୯୧୭୮୩୧୩୬୪


# ଶ୍ରେୟା ଓ ବଜେଟ୍

## ନଗେନ୍ଦ୍ର ନାଥ ପଟ୍ଟନାୟକ



କେନ୍ଦ୍ର ସରକାରଙ୍କ ବଜେଟ୍ ଆସିବା ଖବର ଶୁଣିକରି ଶ୍ରେୟ ମନରେ ପଶ୍ନ ଉଠିଲା । ସେ ଜେଜେଙ୍କୁ ତୁହାକୁ ତୁହା ପ୍ରଶ୍ନମାନ ପଚାରିବାରେ ଲାଗିଲା । ଆଉ ଜେଜେ ବି ତା'ର ପ୍ରତିଟି ପ୍ରଶ୍ନର ଉତ୍ତର ଦେଉଥାନ୍ତି । ଶ୍ରେୟ କୌତୂହଳରେ ପଚରାଲି: 'ଆଚ୍ଛା ଜେଜ ! ବଜେଟ୍ ଦଟା କ'ଣ କହିଲ ଦ? ଜେଜେ ନାଲି ପାନବସା ପାକୁଆ ଦାନ୍ତଟି ଦେଖାଇ ଟିକେ ହସିଦେଇ କହିଲେ: 'ଆରେ ନାତିଆ,ବଜେଟ ମାନେ ସରକାରଙ୍କ ଟଙ୍କାପଇସାର ଆୟ-ବ୍ୟୟ ହିସାବ। ଫି ବରଷ କେନ୍ଦ୍ର ସରକାର କେତେ ଆୟ ହୋଇଚି ଆଉ କେତେ ଟଙ୍କା ଖର୍ଚ୍ଚ ହେବାର ଅଛି ସେକଥା ଦେଶବାସୀଙ୍କୁ ବତେଇଥାନ୍ତି । ୟାକୁ ତୁ ଏମିତି ବୁଝିଗଲେ ଠିକ୍‌ହେବ । ଧରି ନିଆଯାଉ, ତୋର ସାପ୍ତାହିକର ପକେଟ ଟଙ୍କା ଅଶୀଟଙ୍କା । ତା'ମାନେ ତୋର ସାପ୍ତାହିକ ବଜେଟ ହେଲା ଅଶୀଟଙ୍କା । ଏଇ ଅଶୀଟଙ୍କା ଭିତରୁ କିଛିଟଙ୍କା ତୁ ନିଜ କୁମ୍ପିରେ ଭର୍ତ୍ତିକଲୁ ; ପୁଣି କିଛିଟଙ୍କାରୁ ଚକୋଲେଟ୍ କିଣିଥିବୁ । ଏସବୁ ହେଲା ତୋର ଅଶୀଟଙ୍କାର ହିସାବ-ନିକାସ । ଏମିତି ହିସାବ-କିତାବ ସରକାର ସମଗ୍ର ଦେଶପାଇଁ ପ୍ରସ୍ତୁତ କରନ୍ତି । ଏକଥା ଶୁଣି କୌତୂହଳୀ ଶ୍ରେୟା ପୁଣି ପଚାରିଲା: 'ଆଚ୍ଛା ଜେଜେ! ପାପା ତ ମତେ ପକେଟ ଟଙ୍କା ଦିଅନ୍ତି; ସରକାରଙ୍କୁ କିଏ ପକେଟ ମନି ଦେଉଥାଏ ? ଭଲ ପ୍ରଶ୍ନଟିଏ ପଚାରିଲୁ ନାତିଆ । ମନେରଖ, ସରକାରଙ୍କୁ କୁଆଡୁ ପକେଟ ଟଙ୍କା ମିଳେନାହିଁ। ସରକାର ଏଥିରେ ଟିକସ ବସାନ୍ତି । ଏଇ ଯେମିତି ଆମେ ନୂଆ କପଡା କି ପୁତୁପୁତୁକା ଖେଳନା କିଣିଲାବେଳେ ତା'ର ଦାମରୁ ଏକଅଂଶ ସରକାରଙ୍କ ତହବିଲକୁ ଯାଏ । ଏହାଛଡା, ରେଳସେବା, ବସସେବା, ସରକାରୀ କମ୍ପାନୀମାନଙ୍କ ଲାଭାଂଶ ଓ ସରକାରୀ ସମ୍ପତିରୁ ଭଡାରୁ ଟଙ୍କାପଇସା ଆସିଥାଏ । ଆବଶ୍ୟକ ପଡ଼ିଲେ ସରକାର ବ୍ୟାଙ୍କରୁ ମଧ୍ୟ ଋଣ ନେଇପାରନ୍ତି । ଶ୍ରେୟ ପୁଣି ଉତ୍କଂଠାରେ ପଚାରିଲା: ଜେଜେ ! ବଜେଟ୍ କିଏ ପ୍ରସ୍ତୁତ କରେ ? ତହୁଁ ଜେଜେ ତୁଣ୍ଡ ଖୋଲିଲେ: ନାତିଆ, ବଜେଟ୍ ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ପ୍ରସ୍ତୁତ କରନ୍ତି । ମନ୍ତ୍ରାଳୟଗୁଡିକ ସେମାନଙ୍କର କେତେ ଟଙ୍କା ଆବଶ୍ୟକ ପୃଥକପୃଥକ ଭାବେ ବତେଇଥାନ୍ତି । ତା'ଛଡା ଅର୍ଥଶାସ୍ତ୍ରବିତ୍ ଓ ଅଫିସରମାନେ ଦେଶର ଆୟ-ବ୍ୟୟର ହିସାବ ଦେଖନ୍ତି । ଶେଷକୁ ଦେଶର ବିତ୍ତମନ୍ତ୍ରୀ ସବୁକଥା ମିଶାଇ ବଜେଟ୍ ପ୍ରସ୍ତୁତ କରନ୍ତି । ଆଚ୍ଛା ଜେଜେ! ବଜେଟ୍ କେବେ ପେଶ୍ କରାଯାଏ ? ଜେଜେ କହିଲେ ଏତେବେଳେ ଠିକ୍ ପ୍ରଶ୍ନଟିଏ ପଚାରିଲୁ। ଆରେ ପହିଲେ ଫେବୃୟାରୀ ମାସ ଶେଷଦିନ ପେଶ୍ କରାଯାଉଥିଲା, କିନ୍ତୁ ୨୦୧୭ମସିହାରେ ସେଥିରେ ପରିବର୍ତ୍ତନ ଘଟିଲା । ଏବେ ଫି ବର୍ଷ ଫେବୃୟାରୀ ଏକ ତାରିଖରେ ପେଶ୍ କରାଯାଉଛି। ଆଉ ଗୋଟି ମଜାଳିଆ କଥା ହେଉଛି, ସରକାରଙ୍କ ବର୍ଷାରମ୍ଭ ଆମ କ୍ୟାଲେଣ୍ଡର ଭଳି ଜାନୁୟାରୀରେ ଆରମ୍ଭ ହୋଇ ନଥାଏ ; ବରଂ ଏପ୍ରିଲ ଏକ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚମାସ ୩୧ ତାରିଖ ଯାଏ ଚାଲିଥାଏ । ଆମେ ୟାକୁ ବିତ୍ତୀୟ ବରଷ ବୋଲି କହିଥାଉ । ଆଚ୍ଛା ଜେଜେ ବଜେଟ୍ କେଉଁଠି ପେଶ୍ କରାଯାଏ? ଜେଜେ ଫିକ୍‌କିନା ହସିଦେଇ କିହଲେ: ଏଟା ଲୋକସଭାରେ ପେଶ୍ କରାଯାଏ । ଜେଜେ ଟିକେ ବଳିପଡି କହିଲେ: ସରକାରଙ୍କ ଟଙ୍କାର ବିନଯୋଗ ଦେଶର ବିକାଶ ନିମନ୍ତେ କରାଯାଏ । ଏଇ ଯେମିତି ସ୍କୁଲ କଲେଜ ନିର୍ମାଣ,ପାଠ୍ୟପୁସ୍ତକ ପ୍ରସ୍ତୁତି ,ରାସ୍ତାଘାଟ ପୋଲ ନିର୍ମାଣ ମେଟ୍ରୋ ରେଲ, ଦେଶର ସେନାଙ୍କପାଇଁ ଅସ୍ତ୍ରଶସ୍ତ୍ର କିଣାଯିବା,ଗରିବଗୁରୁବାଙ୍କୁ ଶସ୍ତାରେ ଚାଉଳ ଡାଲି ଇତ୍ୟାଦି ଯୋଗାଇଦେବା ଇତ୍ୟାଦି ।

ଶ୍ରେୟା ଡିମାଡିମା ଆଖିକରି ଜେଜେଙ୍କ ତୁଣ୍ଡରୁ ସବୁକଥା ଏକଲୟରେ ଶୁଣୁଥାଏ । ଜେଜେ କହିଲେ : 'ଆରେ ତୁ ମତେ ବଲବଲ କରି ଚାହିଁଚୁ କ'ଣ ? ଶ୍ରେୟା ମୁଣ୍ଡ ଟୁଙ୍ଗାରିଦେଇ କହିଲା : 'ହଁ ଜେଜେ ଏଥର ବଜେଟ ବିଷୟରେ ସବୁକିଛି ବୁଝିଗଲି ।


ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି,ଲେନନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍?, ଭୁ ବନେଶ୍ୱର
ମୋ-୯୪୩୮୩୩୨୧୩୮୮

# ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା

ବସ୍ତା , ୬/୨ (ନି.ପ୍ର): ପୂର୍ବତନ ବାହାବାଳପୁର ପଞ୍ଚାୟତର ସମାଜସେବୀ ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ବିୟୋଗ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତର ବାହାବଳାପୁର ସ୍ଥିତ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ବୁଧବାର ସନ୍ଧ୍ୟାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚଙ୍କ ଗୟାଧର ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ମାଟିନମସ୍କ ଦିବଂଗତ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ତାଙ୍କର କିର୍ତି,ବ୍ୟକ୍ତିତ୍ୱ ଓ ସମାଜସେବା ସବୁଦିନ ବାହାବଳପୁର ମାଟି ମନେ ରଖିବ ବୋଲି ମତବ୍ୟକ୍ତ କରିବା ସହ ସୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ,ପୂର୍ବତନ ବିଧାୟକ ସରୁପ ଦାସ,ବ୍ଲକ ଅଧକ୍ଷା ସୁନୀତା ବେହେରା,ଯୁବନେତା ମାନସ ଦାସ ପଟ୍ଟନାୟକ,ଦୁବଲା ଗଡି ପୂର୍ବତନ ସରପଞ୍ଚ ଶୈଳବାଳା ଜେନା ,ସମିତି ସଭ୍ୟ ଗଣେଶ ଚନ୍ଦ୍ର ଜେନା,ସାଗରୀକା ଶିକ୍ଷା ନିକେତନର ମୁଖ୍ୟ ମାନସ କୁମାର ମାଇତି ପ୍ରମୁଖ ଯୋଗଦେଇ ଅବିଭକ୍ତ ବହାବଳପୁର ପଞ୍ଚାୟତର କାର୍ଯ୍ୟାଳୟକୁ ଓ ବାହାବାଳ ପୂର ସ୍କୁଲକୁ ପାଇଁ ଜମିଦାନ କରିବା ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବା ସହିତ ସ୍ୱର୍ଗତ ଗିରିଙ୍କ ଗୁଣାବଳୀ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କର ସ୍ମୃତିରେ ବାହା ବଳପୂର ସ୍ଥିତ ସଗରିକା ଶିକ୍ଷାନିକେତନ ଶିକ୍ଷାନୁଷ୍ଠାନ, ପଞ୍ଚାୟତ ଓ ଶୁଭେଚ୍ଛୁଙ୍କ ପକ୍ଷରୁ ତାଙ୍କ ପୁତ୍ର ମାନଙ୍କୁ ମେମୋଟମା ଦେଇ ସମ୍ବର୍ଦ୍ଧିତ କରିଥିଲେ ପୂର୍ବତନ ମନ୍ତ୍ରୀ ଶ୍ରୀ ମହାନ୍ତି। ସେ ସରପଞ୍ଚ ଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଗଢ଼ିଉଠିଥିବା ବେଳେ ଆଜି ଅନୁଷ୍ଠାନ ଗୁଡ଼ିକ ବେଶ ପ୍ରତିଷ୍ଠିତ ହୋଇପାରିଛି। ପ୍ରଥମେ ଆତିଥି ଗଣ ତାଙ୍କର ଫୋଟ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଞ୍ଚଳ ଓ ଅଞ୍ଚଳ ବାହାରୁ ବହୁ ଗୁଣିଜ୍ଞାନି, ବୁଦ୍ଧି ଜୀବି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶୋକ ସନ୍ତପ ପରିବାକୁ ସମବେଦନା ଜଣାଇବା ସହ ତାଙ୍କର ବ୍ୟକ୍ତିତ୍ୱ ଓ ସମାଜସେବା ସମ୍ପର୍କରେ ବ୍ୟକ୍ତବ୍ୟ ରଖିଥିଲେ। ବିଜେଡି ଜୋନ ପର୍ଯ୍ୟବେକ୍ଷକ ବିଜୟାନନ୍ଦ ସ୍ୱାଇଁ ମଞ୍ଚସଞ୍ଚାଳନ କରିଥିଲା ବେଳେ ବଡ ପୁଅ ସୁନିଲ କୁମାର ଗିରି ଧନ୍ୟବାଦ ଅର୍ପଣ ।ତାଙ୍କର ଭାଇ ଗଣେଶ ଚନ୍ଦ୍ର ଗିରି,ପୁଅ ବିନୟ କୁମାର ଗିରି,ଝିଅ ତନୁଜା ନାୟକ,ଜ୍ୱାଇଁ ଯୁଗଳ କିଶୋର ନାୟକ, ୪ଭଉଣି ,୪ ଭେଣେଇ କାର୍ଯ୍ୟକ୍ରମ ପରିଚାଳାନାରେ ସହଯୋଗ କରିଥିଲେ।



# କେମୁଣ୍ଡିଆ ରୂପାକୁଣ୍ଡ ଚୋରା ବାଲିଘାଟରେ ଚଢ଼ାଉ : ବାଲି ସହିତ ୧ ଜେସିବି ମେସିନ ଓ ୧ ହାଇୱା ଜବତ

କେନ୍ଦୁଝର, ୬/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ବ୍ଲକ ଉଚ୍ଚବାଲି ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ବୈତରଣୀ ନଦୀ ରୂପାକୁଣ୍ଡ ଚୋରା ବାଲିଘାଟ ଡିପୁ ଉପରେ ଚମ୍ପୁଆ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ଏକ ପୋକଲେନ ମେସିନ ଓ ଏକ ହାଇୱାକୁ ଜବତ କରାଯାଇଛି। କୌଣସି ସୂତ୍ରରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଆଜି ଭୋର ସକାଳୁ ବାଲି ଡିପୁ ଉପରେ ଅତର୍କିତ ଚଡାଉ କରା ଯାଇଥିଲା। ଚଢ଼ାଉ ବେଳେ ଗୋଟିଏ ପୋକଲେନ ମେସିନ ଓ ଗୋଟିଏ ହାଇୱା ଜବତ ହୋଇଥିବାବେଳେ ବାଲି ମାଫିଆଙ୍କ ସହିତ ପୋକଲେନ ଅପରେଟର ଓ ହାଇୱା ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ମାଫିଆ ମାନେ ଚୋରାରେ ବାଲି ଉତୋଳନ କରି ବିଭିନ୍ନ ଜଙ୍ଗଲିଆ ସ୍ଥାନରେ ବାଲି ମହଜୁଦ କରିବା ପରେ ରାତିରେ ହାଇୱା ଯୋଗେ ବାହାରକୁ ଚାଲାଣ କରୁଥିବା ଦେଖାଯାଉଛି। ତେବେ ଜବତ ବାଲି ୨୮ ହାଇୱାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ବାଲି ଘାଟରୁ ପ୍ରାୟ ଦେଢ଼ ବର୍ଷରୁ ଉର୍ଦ୍ଧ ହେବ ବାଲି ମାଫିଆ ମାନେ ଗ୍ରାମର କେତେକ ମୃଷ୍ଟିମେୟ ବ୍ୟକ୍ତି ଓ ଅଂଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ଚୋରାରେ ବାଲି ଚାଲାଣ କରୁଛନ୍ତି। ଦୀର୍ଘ ଦିନରୁ ଚୋରା ବାଲି ଚାଲାଣ ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେମୁଣ୍ଡିଆ ବୈତରଣୀ ବାଲିଘାଟ ବ୍ୟତୀତ ଭଣ୍ଡା ମେରମେଦା ନାଳ, କମଣ୍ଡ, ଭୂଇଁପୁର, ମଙ୍ଗଳପୁର -ପଡୁଆ (ବାଘଡେଗା ନାଳ ), ବୈତରଣୀ ନଦୀ ଘାଟ ଜ୍ୟୋତିପୁର, ମାଳିପଶି, ଫୁଲକଅଁଳେଇ ଓ ରରୁଆଁଗୋଡ଼ା, ଟିଆଁସିପଶି, ବନିକା ଇତ୍ୟାଦି ବହୁ ଗ୍ରାମ ମାନଙ୍କରୁ ଚୋରାରେ ମାଫିଆ ମାନେ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଡିପୁ କରି ରାତ୍ରିରେ ଚାଲାଣ କରୁଥିବା ଜଣା ପଡିଛି। ଯେଉଁମାନେ ସରକାରୀ ନିୟମାନୁଯାୟୀ ବାଲି ଘାଟ ନିଲାମ ନେଇ ବାଲି ବ୍ୟବସାୟ କରୁଛନ୍ତି ସେମାନେ ଚୋରା ବାଲି ଚାଲାଣ କାରି ମାଫିଆଙ୍କ ପାଇଁ କ୍ଷତି ସହୁଥିବା କଥା ପ୍ରକାଶ କରୁଛନ୍ତି। ଏହାକୁ ନେଇ ପୂର୍ବରୁ ବହୁବାର ଗଣମାଧମରେ ଖବର ପ୍ରକାଶ ପାଇଥିଲେ ମଧ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ବେଳେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଚୋରା ବାଲିଘାଟ ଉପରେ ଅତର୍କିତ ଚଢ଼ାଉ କରାଯାଇଛି। ଚଢ଼ାଉରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସହିତ ଚମ୍ପୁଆ ତହସିଲଦାର ରାକେଶ ପଣ୍ଡା, ଜୁନିୟର ମାଇନିଙ୍ଗ ଅଫିସର ପ୍ରଦୀପ ମହାନ୍ତ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଚମ୍ପୁଆ ଆର. ଆଇ ସମ୍ପଦ କୁମାର ପ୍ରଧାନ, ଭଣ୍ଡା ଆର. ଆଇ ଅଲେଖ ମାଝୀ, ଫରେଷ୍ଟର ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜ ପ୍ରମୁଖ ସାମିଲ ଥିଲେ।

# ବଦଳିଲେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ

ଭଦ୍ରକ, ୬/୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କର ବଦଳି ହୋଇଛି। ତାଙ୍କ ସହ ଥାନାର ୨ ଅଧିକାରୀଙ୍କର ମଧ ବଦଳି ହୋଇଥିବା ଜଣାପଡିଛି। ତେବେ ଆଇଆଇସି ଶ୍ରୀ ଗ୍ରହାଚାର୍ଯ୍ୟଙ୍କୁ ଚୁଡାମଣି ମେରାଇନ ଥାନାକୁ ବଦଳି ହୋଇଥିବା ବେଳେ ବାସୁଦେବପୁର ଥାନାରୁ ଲୋପାମୁଦ୍ରା ନାୟକଙ୍କୁ ତିହିଡି ଥାନାରେ ନିଯୁକ୍ତି କରାଯାଇଛି। ସେହିପରି ତିହିଡ଼ି ଥାନାରେ କାର୍ଯ୍ୟରତ ଏସଆଇ ଅସ୍ମିତା ପ୍ରଧାନ ଓ ଏଏସଆଇ ଲକ୍ଷ୍ମଣ ମାରାଣ୍ଡିଙ୍କୁ ବନ୍ତ ଥାନାକୁ ବଦଳି କରାଯାଇଛି । ଏସଆଇ ପ୍ରଧାନଙ୍କ ସ୍ଥାନରେ ଚାନ୍ଦବାଲି ଥାନା ଏସଆଇ ଦୀପ୍ତି ମଞ୍ଜରୀ ବଡ଼ଜେନାଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ଏଏସଆଇ ମାରାଣ୍ଡିଙ୍କ ସ୍ଥାନରେ ଭଦ୍ରକ ପୁରୁଣା ବଜାର ଥାନାର ଏଏସଆଇ ସମରେନ୍ଦ୍ର ବାରିକଙ୍କୁ ନିଯୁକ୍ତ କରାଯାଇଥିବା ଜଣାଯାଇଛି ।

## ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ ପାଳିତ

କେନ୍ଦ୍ରାପଡା, ୬/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କ୍ୟାନସର ବା କର୍କଟ ଏକ ଭୟାବହ ରୋଗ । ଯାହା ହସଖୁସିର ପରିବାର କୁ ଉଜାଡି ଦେଇଥାଏ । ଯେଉଁମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ, ଗୁଟଖା, ଖଇନି, ତମ୍ବାଖୁ ସେବନ କରନ୍ତି ସେମାନେ ଏହି ରୋଗେ ଆକ୍ରାନ୍ତ ହୋଇଥାନ୍ତି । ତେକ କ୍ଷେତ୍ରରେ ଏକା ଖାଦ୍ୟପେୟ ର ନିୟନ୍ତ୍ରଣ ନ ରଖିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢିଥାଏ । ମୁଖ ଗହ୍ୱର କ୍ୟାନସର ପୁରୁଷଙ୍କ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନସର ମହିଳାଙ୍କ କ୍ଷେତ୍ରରେ ବଢିଚାଲିଛି । ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖିପାରିଲେ କର୍କଟ ମୁକ୍ତ କରିପାରିବ ବୋଲି ଉପସ୍ଥିତ ଥିବା ଡାକ୍ତରମାନେ ମତବ୍ୟକ୍ତ କରିଥିଲେ ।

# ବିଶ୍ରା ବ୍ଲକରେ ସେଲ୍, ଆରଏସପିର 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଅନୁଷ୍ଠିତ

ରାଉରକେଲା, ୬/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ' ଫେବୃଆରୀ ୩ ତାରିଖରେ ବିଶ୍ରା ବ୍ଲକ ଅନ୍ତର୍ଗତ ଜରାଇକେଲା ଗ୍ରାମ ପଞ୍ଚାୟତର କୋପସିଙ୍ଗା ଗ୍ରାମରେ ଉଦଯାପନ ହୋଇଛି। ଏହାର ସମାପନୀ ସମାରୋହରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି ମୁଖ୍ୟ ଅତିଥି ଓ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନେ ଟୁର୍ନାମେଣ୍ଟର ବିଜେତା ଏବଂ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜରାଇକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀ ସୁରେଶ ଓରାମ, ଜରାଇକେଲା ପଞ୍ଚାୟତର ସମିତି ସଦସ୍ୟ ଶ୍ରୀ ସୋମନାଥ ରାହା, ସିଏସ୍ଆର୍ ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ସିଏସ୍ଆର୍ ବିଭାଗର ଡିଜିଏମ୍ ଶ୍ରୀ ଆର ଏସ୍ ବାରା, ଡିଜିଏମ୍ ଶ୍ରୀ ଟି ବି ଟପ୍ପୋ, ଡେପୁଟି ମ୍ୟାନେଜର ଶ୍ରୀ ଏସ୍ କେ ସୁକୁଲା ଏବଂ ସିଏସ୍ଆର୍ ବିଭାଗର ଅନ୍ୟାନ୍ୟ ଅଧିକାରୀଙ୍କ ସହ କର୍ମଚାରୀ, ସ୍ଥାନୀୟ ନେତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଟୁର୍ଣ୍ଣାମେଣ୍ଟରେ ସାରୁବାହାଲର କେ ଟି ବ୍ରଦର୍ସ ଦଳ ଫାଇନାଲ ମ୍ୟାଚରେ ବୋଣ୍ଡାମୁଣ୍ଡାର ଆର ଏସ କଲୋନି ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା।

ଏହି ଅବସରରେ, ଶ୍ରୀ ବି କେ ଗିରି ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଂଶଗ୍ରହଣକାରୀ ଦଳଗୁଡ଼ିକର ମନୋବଳ ଏବଂ ଉତ୍ସାହକୁ ପ୍ରଶଂସା କରିଥିଲେ। ଏହା ସହିତ ସେ ଏହି ଅଞ୍ଚଳରେ ଫୁଟବଲର ଗୁରୁତ୍ୱ ଏବଂ ଗ୍ରାମୀଣ ଯୁବପିଢ଼ିଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବାରେ ଏହି ଟୁର୍ଣ୍ଣାମେଣ୍ଟର ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ କାନେକର ନିଜ ଅଭିଭାଷଣରେ ଆଖପାଖ ଗ୍ରାମଗୁଡ଼ିକରେ କ୍ରୀଡା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ବିବିଧ ସିଏସଆର ପଦକ୍ଷେପ ବିଷୟରେ ମଧ ଉଲ୍ଲେଖ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ସ ଦଳ ଟ୍ରଫି ଏବଂ ୧୦,୦୦୦/- ଟଙ୍କାର ନଗଦ ପୁରସ୍କାର ହାସଲ କରିଥିବା ବେଳେ ପ୍ରଥମ ରନର୍ସ ଅପ୍ ଦଳ ଟ୍ରଫି ସହ ୮,୦୦୦/- ଟଙ୍କାର ନଗଦ ପୁରସ୍କାର ହାସଲ କରିଥିଲେ। ସେହିପରି ଭାବେ ଜରାଟୋଲି ଏବଂ ସାରୁବାହାଲ ନୂଆଟୋଲିର ଏମୱାଇସି ଦଳ କ୍ରମାନ୍ୱୟରେ ୩ୟ ଏବଂ ୪ର୍ଥ ସ୍ଥାନ ଅଧିକାର କରିବା ସହ ୬,୦୦୦/- ଟଙ୍କା ଏବଂ ୪,୦୦୦/- ଟଙ୍କାର ନଗଦ ପୁରସ୍କାର ହାସଲ କରିଥିଲେ।

ସୂଚନାଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନାର ପୃଷ୍ଠପୋଷକତାରେ ବିଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ, ମିନୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଖୁସବୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଗାଁ ଏବଂ ଆଖପାଖର ବହୁ ସଂଖ୍ୟକ ଫୁଟବଲ୍ ପ୍ରେମୀ ଏକତ୍ରିତ ହୋଇଥିଲେ।

ଉଲ୍ଲେଖନୀୟ ଯେ, ଆରଏସପି ର ସିଏସଆର ବିଭାଗ ପ୍ରତିବର୍ଷ ଚାରୋଟି ପାର୍ଶ୍ୱାଞ୍ଚଳ ବ୍ଲକରେ ଜୋନାଲ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥାଏ ଯେଉଁଥିରେ ଚାରୋଟି ଜୋନ୍‌ରୁ ଚାମ୍ପିଅନ୍ ଏବଂ ରନର୍ସ ଅପ୍ ଦଳ ରାଉରକେଲାରେ ଅନୁଷ୍ଠିତ ଫାଇନାଲ୍ ଫୁଟବଲ୍ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା ମଧ କରନ୍ତି।




# ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଭଦ୍ରକ, ୬/୨ (ନି.ପ୍ର): ଭଦ୍ରକ ଜିଲା ଆରଡି ପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି କ୍ରୀଡା ଉତ୍ସବ ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ନିକଟରୁ କ୍ରୀଡା ଜ୍ୟୋତି ବାହାର କରି ଆରଡିପୀଠ ପରିକ୍ରମା କରିବା ପରେ ଖେଳ ପଡ଼ିଆରେ ପହଂଚିଥିଲେ। ଏହି ଅବସରରେ କ୍ରୀଡା ପତାକା ଧୁଷୁରୀ ଥାନାଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତୋଳନ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆରଡିଶାଖାର ପରିଚାଳକ ଦିପକ ପାତ୍ର , ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ନିକୁଞ୍ଜ କିଶୋର ଜେନା, ପହଣା ଓ ମଠଡିହ କ୍ଲଷ୍ଟର ସିଆରସିସି ଦିଲିପ ଶେଖର ନାୟକ, ଶିକ୍ଷାକେନ୍ଦ୍ରର ପ୍ରଧାନ ଆର୍ଚ୍ଚାର୍ଯ୍ୟା ରେଣୁବାଳା ସାମଲ, ନିର୍ଦ୍ଦେଶକ ଚିତରଞ୍ଜନ ମହାନ୍ତି, ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡା, ମାର୍ଗଦର୍ଶକ ବିଜୟ କୁମାର ଦାଶ ସଭ୍ୟ ସଞ୍ଜୟ ଦାଶ, ବାବାଜି ଶଙ୍କର ପାଢୀ, ପ୍ରଶାନ୍ତ ପାଢୀ, ଗୋପବନ୍ଧୁ ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ଶୁଶାନ୍ତ ବିଶ୍ୱାଳ, ଜଗବନ୍ଧୁ ବାରିକ, ଉମାକାନ୍ତ ମଲିକ, ସୁନିତା ବାରିକ, ସ୍ୱପ୍ନାରାଣୀ ଖଟୁଆ, ସ୍ୱାଗତିକା, ବିଜୟଲକ୍ଷ୍ମୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶିଶୁ ବାଟିକା ଠାରୁ ୭ମ ଶ୍ରେଣୀ ଯାଏଁ ୧୫୦ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ପରିଶେଷରେ ଅଭିଭାବିକା ମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗୀତା କରାଯାଇ କ୍ରୀଡା ପତାକା ଅବତରଣ କରାଯାଇଥିଲା।

# ସଂପର୍କ ଅନୁଷ୍ଠାନ ପକ୍ଷରୁ ବିଦ୍ୟାର୍ଥୀ ଜାଗରଣ ଅଭିଯାନ

ପୁରୀ, ୬/୨ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ସଫଳତା ସହିତ ନୀତିମୂଲ୍ୟ, ଶିଷ୍ଟାଚାର ଓ ମନୋବଳରେ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସଂପର୍କ" ତରଫରୁ ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ାବଜାର, ପୁରୀ ପରିସରରେ "ବିଦ୍ୟାର୍ଥୀ ଜାଗରଣ ଅଭିଯାନ" ନାମକ ଏକ ଶିକ୍ଷାମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ଗୁରୁବାରେ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ନୀତିନିଷ୍ଠ ଓ ସଚେତନ ନାଗରିକ ଭାବେ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।କାର୍ଯ୍ୟକ୍ରମର ଆରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ଡ଼. ଅଭିମନ୍ୟୁ ଭୂୟାଁ କହିଥିଲେ ଯେ, ଆଜିର ଯୁଗରେ ଛାତ୍ରଛାତ୍ରୀମାନେ କେବଳ ପାଠ୍ୟପୁସ୍ତକ ଜ୍ଞାନରେ ସୀମିତ ରହିଲେ ହେବନାହିଁ । ଚରିତ୍ର, ଆଚରଣ, ଶିଷ୍ଟାଚାର ଓ ଆତ୍ମନିୟନ୍ତ୍ରଣ ମଧ୍ୟ ସେମାନଙ୍କ ଜୀବନର ଭିତ୍ତି ହେବା ଆବଶ୍ୟକ। "ବିଦ୍ୟାର୍ଥୀ ଜାଗରଣ ଅଭିଯାନ" ଭଳି କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ସଠିକ୍ ଦିଗନିର୍ଦ୍ଦେଶ ଦେବା ସହ ମୂଲ୍ୟବୋଧ ଶିଖାଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ ।ବିଦ୍ୟାଳୟ ର ସମ୍ପାଦକ ଅରବିନ୍ଦ ଶତପଥୀ କହିଥିଲେ ଯେ, ଏପରି ଶିକ୍ଷାମୂଳକ ଅଭିଯାନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲକ୍ଷ୍ୟନିଷ୍ଠା, ଅନୁଶାସନ ଓ ଦାୟିତ୍ୱବୋଧ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ସେ "ସଂପର୍କ" ଅନୁଷ୍ଠାନର ସାମାଜିକ କାର୍ଯ୍ୟକଳାପକୁ ମଧ ଉଚ୍ଚ ପ୍ରଶଂସା କରିଥିଲେ ।ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ ପ୍ରଧାନ କହିଥିଲେ ଯେ, ନିୟମିତ ଅଧ୍ୟୟନ, ଶିକ୍ଷକ ଓ ଅଭିଭାବକଙ୍କ ପ୍ରତି ସମ୍ମାନ, ସକାରାତ୍ମକ ଚିନ୍ତାଧାରା ଓ ସୁସ୍ଥ ଆଚରଣ ହେଉଛି ଛାତ୍ରଜୀବନର ସଫଳତାର ମୂଳମନ୍ତ୍ର। ଏପରି କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ମନୋବଳରେ ଦୃଢ଼ କରିଥାଏ ବୋଲି ସେ ଉଲ୍ଲେଖ କରିଥିଲେ। +୨ ର ଅଧକ୍ଷ ଅରବିନ୍ଦ ଦାସ ତାଙ୍କ ବକ୍ତବ୍ୟରେ ଛାତ୍ରଜୀବନରେ ସମୟ ପରିଚାଳନା, ଏକାଗ୍ରତା ଓ ସ୍ୱାସ୍ଥ୍ୟ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା କହିଥିଲେ ଯେ, ଛାତ୍ରଜୀବନରେ ଶିଷ୍ଟାଚାର, ସଂଯମ, ସତ୍ୟନିଷ୍ଠା ଓ ସେବାଭାବ ଅନୁସରଣ କଲେ ଜୀବନରେ ନିଶ୍ଚିତ ସଫଳତା ମିଳେ ।କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଓ ଛାତ୍ରମିତ୍ର କୈଳାଶ ଚନ୍ଦ୍ର ଗୁପ୍ତା ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନର ବୈଜ୍ଞାନିକ ପ୍ରଣାଳୀ, ସ୍ମୃତି ବିକାଶ, ଏକାଗ୍ରତା, ଯୋଗ-ପ୍ରାଣାୟାମ, ଆତ୍ମନିରୀକ୍ଷଣ ଓ ନୀତିମୂଲ୍ୟ ସହିତ ସମ୍ପର୍କିତ ୨୮ଟି ବିଷୟ ଉପରେ ସରଳ ଓ ବ୍ୟବହାରିକ ଉଦାହରଣ ସହ ଆଲୋଚନା କରିଥିଲେ, ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିଥିଲା। ପିଲାମାନଙ୍କୁ କୌତୁହଳ ଉପାୟରେ ବିଭିନ୍ନ କଥା ବୁଝାଇଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ରୋଲ୍ ସପ୍-୪ ବିଭାଗରେ ୫ଏସ କାର୍ଯ୍ୟାନ୍ୱୟନରେ ଦକ୍ଷତା, ସୁରକ୍ଷା ଏବଂ ବ୍ୟୟ ନିପୁଣତାରେ ଉନ୍ନତି

ରାଉରକେଲା, ୬/୨ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ରୋଲ୍ ସପ୍-୪ ବିଭାଗର ଗୁଣବତ୍ତା ମଣ୍ଡଳୀ 'ଭିଜନ୍'ଦ୍ୱାରା ୫ଏସ କାର୍ଯ୍ୟସ୍ଥଳ ପରିଚାଳନା ପ୍ରଣାଳୀର ଏକ ପଦ୍ଧତିଗତ କାର୍ଯ୍ୟାନ୍ୱୟନ ଯୋଗୁଁ କାର୍ଯ୍ୟକ୍ଷମତା, ସୁରକ୍ଷା ଏବଂ ବ୍ୟୟ ନିପୁଣତାରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇପାରିଛି, ଯାହା ଆରଏସପି ର ଦକ୍ଷତା ଏବଂ ନିରନ୍ତର ଉନ୍ନତି କୁ ପ୍ରତିଫଳିତ କରୁଛି ।

ଉଲ୍ଲେଖନୀୟ ଯେ ଏହା ରୋଲ୍ ସପ୍-୪, ନୂତନ ପ୍ଲେଟ୍ ମିଲ୍ (ଏନ ପି ଏମ) କୁ ରୋଲ୍ ଆସେମ୍ବଲି ଏବଂ ସିଅର୍ ବ୍ଲେଡ୍ ର ନିରବଚ୍ଛିନ୍ନ ଯୋଗାଣକୁ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ୫ଏସ କାର୍ଯ୍ୟାନ୍ୱୟନ ପୂର୍ବରୁ ସପରେ ରକ୍ଷଣାବେକ୍ଷଣ, ଅବ୍ୟବସ୍ଥିତ ସଂରକ୍ଷଣ, ଅନାବଶ୍ୟକ ସ୍ଥାନ ବ୍ୟବହାର, ଅତ୍ୟଧିକ ଖୋଜିବା ସମୟ ଏବଂ ସମ୍ଭାବ୍ୟ ସୁରକ୍ଷା ବିପଦ ଭଳି ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ, ଭିଜନ୍ ଗୁଣବତ୍ତା ମଣ୍ଡଳୀ ଦଳ ସେରି (ପୁନର୍ଗଠନ), ସେଟନ୍ (ପରିଷ୍କାର ପରିଚ୍ଛନତା), ସେଇସୋ (ସଫେଇ), ସେକେସୁ (ମାନକ କରଣ) ଏବଂ ଶିଟ୍ସୁକେ (ଶୃଙ୍ଖଳା) କୁ ଅନ୍ତର୍ଭୁକ୍ତ କରି ଏକ ସଂରଚିତ ୫ଏସ ପଦ୍ଧତି ଗ୍ରହଣ କରିଥିଲା ।

ଏହି କାର୍ଯ୍ୟାନ୍ୱୟନକୁ ସ୍ୱତନ୍ତ୍ର କମିଟି, କର୍ମଚାରୀ ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମ, ମୂଳ ତଥ୍ୟ ସଂଗ୍ରହ, ଏକ୍ସପୋଜର ପରିଦର୍ଶନ, ଭିଜିନ ମ୍ୟାନେଜମେଣ୍ଟ ଅଭ୍ୟାସ, ରେଡ୍ ଟ୍ୟାଗ୍ ବ୍ୟବସ୍ଥା, ମାନକୀକରଣ ଲେଆଉଟ୍, ସଫେଇ ସମୟସୂଚୀ, ନିୟମିତ ଅଡିଟ୍ ଏବଂ କାଇଜେନ୍ ପଦକ୍ଷେପ ଦ୍ୱାରା ସମର୍ଥନ କରାଯାଇଥିଲା। ଏହି ପ୍ରୟାସଗୁଡ଼ିକ ସମଗ୍ର କାର ?ୟକ୍ଷେତ୍ରରେ ମାପଯୋଗ୍ୟ ଏବଂ ସ୍ଥାୟୀ ଉନ୍ନତି ଆଣିଥିଲା।

ଏହି ପଦକ୍ଷେପର ଫଳସ୍ୱରୂପ, ହାରାହାରି ସର୍ଚ୍ଚ ଏବଂ ପୁନରୁଦ୍ଧାର ସମୟ ପାଞ୍ଚ ମିନିଟ୍ ରୁ ମାତ୍ର ୦.୫ ମିନିଟ୍ କୁ ହ୍ରାସ କରାଯାଇ ପାରିଥିଲା। ପ୍ରଭାବଶାଳୀ ସ୍ଥାନ ଉପଯୋଗ ଫଳରେ ୧,୦୮୦ ବର୍ଗ ମିଟରର ନେଟ୍ ସ୍ଥାନ ସଞ୍ଚୟ ସାଧିତ ହୋଇଥିଲା। ଏଥିମଧ୍ୟରୁ ଚିହ୍ନଟ ହୋଇଥିବା ୧୮ ଟି ଅସୁରକ୍ଷିତ ପରିସ୍ଥିତିର ଦୂରୀକରଣ ସହିତ ସୁରକ୍ଷା କାର୍ଯ୍ୟଦକ୍ଷତାରେ ମଧ ଉଲ୍ଲେଖନୀୟ ଉନ୍ନତି ହୋଇଥିଲା, ଯାହା ଦ୍ୱାରା ସମ୍ଭାବ୍ୟ ବିପଦ ହ୍ରାସ ପାଇବା ସହିତ ସାମଗ୍ରିକ କାର ?ୟକ୍ଷେତ୍ର ସୁରକ୍ଷା ମଧ ବୃଦ୍ଧି ହୋଇଥିଲା। ଏହା ଉନ୍ନତ ସଂଗଠନ ଏବଂ ପରିଷ୍କାର ପରିଚ୍ଛନ୍ନତା ଉନ୍ନତ ମେସିନ୍ ନିର୍ଭରଯୋଗ୍ୟତା ଏବଂ ପ୍ରତିରୋଧକ ରକ୍ଷଣାବେକ୍ଷଣରେ ବହୁ ଅବଦାନ ଦେଇଥିଲା।

ପୁରୁଣା ଏବଂ ଅନାବଶ୍ୟକ ସାମଗ୍ରୀର ବ୍ୟବସ୍ଥିତ ନିଷ୍କାସନ ହେତୁ ଯଥେଷ୍ଟ ଆର୍ଥିକ ଲାଭ ହୋଇ ଥିଲା । ଏହି ୫ଏସ ଏବଂ କାଇଜେନ୍ ପଦକ୍ଷେପ ମାଧ୍ୟମରେ, ରୋଲ୍ ସପ୍-୪ ସର୍ବନିମ୍ନ ୩୧,୨୦୦ ଟଙ୍କା ଖର୍ଚ୍ଚ କରି ମୋଟ ୧୮,୯୯,୪୨୫, ଟଙ୍କାର ଖର୍ଚ୍ଚକୁ ସଞ୍ଚୟ କରିପାରିଛି, ଯାହା ଏକ ଉତ୍କୃଷ୍ଟ ମୂଲ୍ୟ-ଲାଭ ଅନୁପାତ ପ୍ରଦର୍ଶନ କରୁଛି।

ଏହି ୫ ଏସ ସମ୍ପ୍ରସାରଣ କାର୍ଯ୍ୟକ୍ରମ ମଧ ଆର ଏସ ପି ର ବିଭିନ୍ନ ୟୁନିଟରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରୟାସର ଅଂଶ ସ୍ୱରୂପ, ରୋଲ୍ ସପ୍-୪ ଦଳ ୫ ଏସ ଅଭ୍ୟାସଗୁଡ଼ିକର ପ୍ରଭାବଶାଳୀ ଗ୍ରହଣ ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ ଅନ୍ୟ ତିନୋଟି ବିଭାଗ ଯଥା ନ୍ୟୁ ପ୍ଲେଟ୍ ମିଲ୍ ର ମୋଟର ହାଉସ୍, ହଟ୍ ଷ୍ଟ୍ରିପ୍ ମିଲ୍ ର ମୋଟର ହାଉସ୍ -୨ ଏବଂ ରୋଲ୍ ସପ୍-୪ କୁ ପରାମର୍ଶ ଏବଂ ମାର୍ଗଦର୍ଶନ କରୁଛି।

ଏହି ଗୁଣବତ୍ତା ମଣ୍ଡଳୀ ଦଳରେ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଅଂଶୁମାନ ମିଶ୍ର ଏବଂ ଶ୍ରୀ ସାୟୁନ ବେଙ୍ଗରା ଥିଲେ। ଏହି ଦଳରେ ଡେପୁଟି ମ୍ୟାନେଜର ଶ୍ରୀ ଏମ୍.କେ. ରାଜଗୁରୁ, ଫେସିଲିଟେଟର ଥିଲେ। ଏହି ପ୍ରକଳ୍ପଟି ରୋଲ ସପ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ସମୀର ରଞ୍ଜନ ମହାପାତ୍ର, ଏବଂ ଜି ଏମ ଶ୍ରୀ ମିହିର କୁମାର ମୁଦାଲିଙ୍କ ନିରନ୍ତର ତଦାରଖ ଏବଂ ସକ୍ରିୟ ମାର୍ଗଦର୍ଶନରେ କାର୍ଯ୍ୟକାରୀ ହୋଇଥିଲା।

ନିକଟରେ ଉକ୍ତ ଦଳ ଗ୍ରେଟର ନୋଏଡାରେ ଅନୁଷ୍ଠିତ ଏନସିକ୍ୟୁସିରେ ଏହି ପ୍ରକଳ୍ପ ଉପସ୍ଥାପନ କରି ସମ୍ମାନଜନକ ପାର-ଏକ୍ସେଲେନ୍ସ ପୁରସ୍କାର ହାସଲ କରିଥିଲେ ।



# ଶାଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ସାହି , ୬/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପାଳନ କରାଯାଇଅଛି କ୍ଷ ପ୍ରଧାନ ଶିକ୍ଷୟତ୍ରୀ ରିତାମଣୀ ଦେ ସଭାପତିତ୍ୱ କରିଥିଲେ । ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସ୍ୱାଗତ ସଂଗୀତ ନୃତ୍ୟ ପରିବେଷଣ କରାଯାଇ ଅତିଥି ବୃନ୍ଦ ଙ୍କୁ ସ୍ୱାଗତ କରାଯାଇଥିଲା । ଜଗନ୍ନାଥ ମିଶ୍ର ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ ଓ ପ୍ରଭାକର ଉପାଧ୍ୟାୟ ସଂସ୍କୃତ ଶିକ୍ଷକ ମଙ୍ଗଳା ପାଠ କରିଥିଲେ । ମୁଖ୍ୟ ଅତିଥି ଅନ୍ତର୍ଯ୍ୟାମୀ ନାୟକ- ଓଡ଼ିଆ ଅଧ୍ୟାପକ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଣତ୍ରୀ , ମୁଖ୍ୟ ବକ୍ତା ସନ୍ତୋଷ କୁମାର ବେହେରା- ପ୍ରଧାନଶିକ୍ଷକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ, ସ୍ୱତନ୍ତ୍ର ଅତିଥି- କାନ୍ହୁ ଚରଣ ବାରିକ ଆଞ୍ଚଳିକ ସାଧନ କେନ୍ଦ୍ର ଜଡିଦା ସମ୍ମାନୀୟ ଅତିଥି -ପ୍ରଫୁଲ୍ଲ କୁମାର ମହାଳିକ -ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତୋଫାନ କୁମାର ମହାଳିକ - ଆଞ୍ଚଳିକ ସାଧନ କେନ୍ଦ୍ର ମାନଗୋବିନ୍ଦପୁର ସୁଧାଂଶୁ କୁମାର ପତି -ପ୍ରଧାନଶିକ୍ଷକ ବୈଲୁଚନ ଜେନା- ପ୍ରଧାନ ଶିକ୍ଷକ, ଚୈତନ୍ୟ ସିଂ -ପୂର୍ବତନ ସରପଞ୍ଚ, ବଳଭଦ୍ର ମହାଳିକ- ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଯୋଗଦେଇ ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ କଠୋର ପରିଶ୍ରମ କରି କର୍ତ୍ତବ୍ୟ ନିଷ୍ଠା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବାପାଇଁ ପରାମର୍ଶ ଦେଇଥିଲେ ଛାତ୍ର ଛାତ୍ରୀ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ର ଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ ରଖିଥିଲେ । ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ଅତିଥି ବୃନ୍ଦ ପ୍ରଦାନ କରିଥିଲେ ଛାତ୍ର ଛାତ୍ରୀ ଦ୍ୱାରା ଚିତାକର୍ଷକ ନୃତ୍ୟ ଓ ଏକାଙ୍କିକା କରାଯାଇଥିଲା । ବିଦ୍ୟାଳୟ ର ଶିକ୍ଷୟତ୍ରୀ ମଧୁସ୍ମିତା ମହାଳିକ ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ଏନର୍ଜି କ୍ଲବରେ ପୁରସ୍କାର ବିତରଣ



ବାଲେଶ୍ୱର, ୬/୨ (ନି.ପ୍ର): ବାଲେଶ୍ୱର ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ରେ ଆଜି ଏନର୍ଜି କ୍ଲବ ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳନ ହୋଇଯାଇଛି ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକଙ୍କ ଅଧକ୍ଷ୍ୟତାରେ । ଏହି ଉତ୍ସବ ରେ ବାଲେଶ୍ୱର ବିଜେଡି କଲେଜର ଅଧାପିକା ଡ଼ ନିବେଦିତା ଦାଶ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟ ରେ ଏନର୍ଜି କ୍ଲବ ର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ର ବରିଷ୍ଠ ବିଜ୍ଞାନ ଶିକ୍ଷୟତ୍ରୀ ଶ୍ରୀମତୀ ଅନୀତା ଦାସ, ଶ୍ରୀମତୀ ବନଜା ନାୟକ ଓ ଶ୍ରୀମତୀ ଗୀତିସୁଧା ମହାନ୍ତି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏନର୍ଜି କ୍ଲବର ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ ।

# ଓଡ଼ିଶା କୃଷକ ସଭା ପକ୍ଷରୁ ୧୨ ତାରିଖ ସୁଁଗୋ ହାଟ ଛକଠାରେ ସାଧାରଣ ଧର୍ମଘଟ ଓ ବିକ୍ଷୋଭ ପାଇଁ ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୬/୨ (ନି.ପ୍ର): ଓଡ଼ିଶା କୃଷକ ସଭା ଜଳେଶ୍ୱର ବ୍ଲକ ଅଲାଲପୁର ସେବା ସମବାୟ ସମିତି ଶାଖା ତରଫରୁ ଚାଷୀଙ୍କଠାରୁ ଧାନ କିଣିବାରେ ଅବ୍ୟବସ୍ଥା,ତଥା ଅନିଶ୍ଚିତତା ନେଇ ଉପୁଜୁଥିବା ସମସ୍ୟାର ପ୍ରତିକାର ଦାବୀ ନେଇ ଆସନ୍ତା ତା ୧୨ ତାରିଖ ହେଉଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟରେ ଶାଖା ତରଫରୁ ସୁଗୋ ହାଟଛକ ଠାରେ ଚାଷୀ ସମାବେଶ ହେବା ସ୍ୱରୋପ ଧାନ ରଖି ବିକ୍ଷୋଭ ସଂଗଠିତ କରିବା ନେଇ ଗାଁ ଓ୍ୱାରି ଚାଷୀ ପ୍ରତିନିଧି ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କଲେଜ ଛକ ନିକଟସ୍ଥ ସ୍ଥାନରେ ଅପରାହ୍ନ ୩ଘଟିକା ସମୟରେ ଅନୁଷ୍ଠିତ ହୋଇଅଛି ।ଓଡ଼ିଶା କୃଷକ ସଭାର ଜିଲ୍ଲା ସଂପାଦକ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀ ପ୍ରତିନିଧି ସୁଜିତ୍ କୁମାର ଦେ,ଗଣେଶ ଚନ୍ଦ୍ର ଭୂୟାଁ,ତନୋଜ ମହାନ୍ତି,ପ୍ରଦିପ ମହାନ୍ତି,ନିମାଇ ଚ଼ରଣ ଦାସ,ପବିତ୍ର ପାତ୍ର,ଶ୍ରୀକାନ୍ତ ବୀର,ଗୌତମ ପାତ୍ର,ରାଜେନ୍ଦ୍ର ନାରାୟଣ ଦାସ,ଶ୍ୟାମ ସୁନ୍ଦର ଭୂୟାଁ,ଅକ୍ଷୟ ନାୟକ,ଶ୍ରମିକ ନେତା ପଲଟୁ ଦାସ ଆଦି ପ୍ରମୁଖ ନେତୃତ୍ୱ ମାନେ ଉପସ୍ଥିତ ହୋଇ ଆଲୋଚ଼ନାରେ ମତବ୍ୟକ୍ତ ରଖିଥିଲେ ।ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ ନେବାର ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା ନେବା,ଚାଷୀ ଖୋଲା ବଜାରରେ ଧାନ ବିକ୍ରି କଲାବେଳେ ବେସରକାରୀ ମଣ୍ଡିରୁ ୨% ରୟାଲିଟି କଟିବା ବନ୍ଦ କରିବା,ମିଲର ସଂଖ୍ୟାକୁ ବଢ଼ାଇ ଟୋକନ ଅବଧି ସମୟରେ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣିବା ସୁନିଶ୍ଚିତ କରିବା ଆଦି ୪ଦଫା ଦାବୀରେ ସମାଧାନ ପୂର୍ବକ ପଦକ୍ଷେପ ନେବା ନେଇ ଆସନ୍ତା ୧୨ ତାରିଖ ସକାଳ ୭ ଘଟିକାରୁ ଚାଷୀ ସମାବେଶ ସ୍ୱରୋପ ଚାଷୀ ଧାନ ରଖି ସମାଧାନ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିକ୍ଷୋଭ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ହେବା ସହ ଚେତାବନୀ ଦିଆଯାଇଛି ।ଚାଷୀ ତାର ଅଧିକାରର ହକ୍ ଦାବୀ ନେଇ ପଦକ୍ଷେପ ମୂଳକ ପନ୍ଥା ଗ୍ରହଣ କରିବାକୁ ନେଇ କ୍ଷେତ ମଜଦୁର ୟୁନିଅନ୍ ର ନେତୃତ୍ୱ ଦିପ୍ତିମାନ ଆଚାର୍ଯ୍ୟ ସମର୍ଥନ କରିବା ସହ ଉପସ୍ଥିତ ଚାଷୀ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସ୍ରଷ୍ଟାର ରାଜ୍ୟ ସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

## ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଜୀବନ୍ୟାସ'



ବାଲେଶ୍ୱର, ୬/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ ସ୍ରଷ୍ଟାର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ର ଷଷ୍ଠ ସନ୍ଧ୍ୟାର କାର୍ଯ୍ୟ ଆୟୋଜିତ ହୋଇ ଯାଇଛି ।ଏଇ ସନ୍ଧ୍ୟା ବିଶିଷ୍ଟ ସଂସ୍କୃତି ପ୍ରେମୀ ସମାଜସେବୀ, ସଂସ୍କାରକ, ସଂଗଠକ ସ୍ୱର୍ଗତ ନବଘନ ଦାସ ଙ୍କୁ ଉତ୍ସର୍ଗ କରାଯାଇଥିଲା ।ପ୍ରଯୋଜନା କରିଥିଲେ ତାଙ୍କର ପୁତ୍ର ତଥା ସ୍ରଷ୍ଟା ର ଉପସଭାପତି ଶ୍ରୀ ପ୍ରସନ୍ନ କୁମାର ଦାସ । ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାରତୀୟ ସଂସ୍କୃତି ପ୍ରଚାର ସମିତିର ପ୍ରବକ୍ତା ,ସମାଜ ସେବୀ, ସଂସ୍କୃତି ପ୍ରେମୀ ଶିକ୍ଷାବିତ ଶ୍ରୀ ଗୋପାଲ ଖଣ୍ଡେଲୱାଲ୍ ଓ ସମ୍ମାନିତ ଅତିଥି ଭାବେ ପ୍ରମେୟର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ କମଳାକାନ୍ତ ପତି ,ଉପ ସଭାପତି ତଥା କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ କୁମାର ଦାସ ବର୍ତ୍ତମାନ ସମୟରେ ନାଟକ କଳାର ବିକାଶ, ସମସ୍ତଙ୍କ ମଧ୍ୟରେ ସଚେତନତା ପାଇଁ ନାଟକର ବିଷୟ ବସ୍ତୁ କିପରି ସାମାଜିକ ଜୀବନ ଉପରେ ପ୍ରଭାବ ପକାଇ ସମାଜକୁ ଦିଗଦର୍ଶନ ଦିଏ ବୋଲି ମତ୍ ବ୍ୟକ୍ତ କରିଥିଲେ ।ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଶ୍ରୀ ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିଲେ। ସ୍ରଷ୍ଟା ମୁଖପତ୍ରିକାର ସମ୍ପାଦକ ଶ୍ରୀ ରତିକାନ୍ତ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ପ୍ରସନ୍ନ କୁମାର ଦାସ ତାଙ୍କ ସ୍ୱର୍ଗତ ପିତା ନବଘନ୍ ଦାସ ଙ୍କର ସ୍ମୃତି ଚାରଣ କରିଥିଲେ ଓ ଧନ୍ୟବାଦ୍ ଦେଇଥିଲେ। ପରେ ଭୁବନେଶ୍ୱର ର 'ଶତାବ୍ଦୀର କଳାକାର ନାଟ୍ୟାନୁଷ୍ଠାନର ନାଟକ 'ଜୀବନ୍ୟାସ ' । ଓଡ଼ିଶାର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଶିକ୍ଷକ,ନାଟ୍ୟ ସଂ ଗଠକ ଶ୍ରୀ ଧୀର ମଲିକଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ନିଜ କଳାକାର ଙ୍କ ଦ୍ୱାରା ଅଭିନୀତ ହୋଇଥିଲା। 'ଯୁଗେ ଯୁଗେ ଗରିବ ଉପରେ ଧନୀ ମାନଙ୍କର ଅତ୍ୟାଚାର ଓ ଶୋଷଣ ଚାଲି ଆସିଛି। ଧନୀ ଲୋକେ ପୋଲିସ ଓ ବାବାଙ୍କ ସହାୟତାରେ ଗରିବ ଙ୍କୁ ଶାସନ କରନ୍ତି। ଜଣେ ବିଶିଷ୍ଟ ଚାଷୀ ପୋଲିସ ଓ ବାବା ଙ୍କ ସାହାଯ୍ୟରେ ଲୋକଙ୍କୁ ଲୁଣ୍ଠନ କରେ ।ସେଇ ବାବା ଦିନେ ମନ୍ତ୍ର ବଳରେ ଗୋଟିଏ ଖପୁରୀକୁ ଜୀବ ନ୍ୟାସ ଦେଇ ଦିଅନ୍ତି। ବଞ୍ଚିଗଲା ପରେ ସେ ରହିବାକୁ ଘର, ଖାଇବାକୁ ଖାଦ୍ୟ, ପିନ୍ଧିବାକୁ ବସ୍ତ୍ର ମାଗେ। ପ୍ରକୃତରେ ତାକୁ ଏ ସବୁ କଣ ମିଳେ। ଏହାର ସମାଧାନ ପାଇଁ ପନ୍ଥା ଖୋଜୁଥିବା ହେଉଛି 'ଜୀବ ନ୍ୟାସ 'ନାଟକର ବିଷୟ ବସ୍ତୁ। ଅନିଲ, ବିଧାଂଶୁ, ସୌମ୍ୟ, ସତ୍ୟ, ସଂଗ୍ରାମ, ଫିଟୁ, ମନୋଜ, ଅଶୋକ, ଅମନ୍, ଶୁଭମ୍, ସକଳେଶ୍ୱର, ଗଣେଶ, ବିଘ୍ନରାଜ, ମିହିର, ସୁଜିତ୍, ସନ୍ତୋଷ, ମନ ଦିପା, ହରିହର, ଆଦିତ୍ୟ, ରାଜ, ପ୍ରକାଶ, ପ୍ରିୟଙ୍କା, ଦେବାଶିଷ, କାର୍ତ୍ତିକ, କଳ୍ପନା, କଳିପ୍ରସନ୍, ବିନୟ, ନରେନ୍ଦ୍ର, ତ୍ରିପାଠୀଙ୍କୁ ନେଇ ମଞ୍ଚସ୍ଥ ନାଟକଟିବେଶ ଉପଭୋଗ୍ୟ ଥିଲା। ସ୍ରଷ୍ଟା ର ଶ୍ରୀ ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ,ସମ ରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ସତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ଶ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌର ଜିତ୍ ସାହୁ, ଅନୁଭା ଶତପଥୀ , ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯକ୍ରମକୁ ସୁପରିଚାଳନା କରିଥିଲେ।


**AFFIDAVIT**

By virtue of an affidavit before the executive Magistrate Jaleswar I, JAEDA KHATUN, aged about 42 years D/o- Sk Abdul, at present: W/o- Sekha Mangal resident of Vill- Bidyadharpur (Sasanbad), Po /Ps- Jaleswar, Dist- Balasore, Odisha, Aadhaar No.- 341284635003 declare that my correct name is JAEDA KHATUN D/o- Sk Abdul, W/o- Sekha Mangal of above noted address and accordingly my Aadhaar No.- 341284635003, PAN Card videNo.- ONMPK9464H and also S.B account passbook vide A/c No. 3671194670 of Central Bank of India, Jaleswar Branch have been prepared but in my LIC policy Bond vide policy No. 585679361/ dt. 08.10.2005 my name has been reflected as "CHAND BIBI" W/o- Mangal Khan. Both CHAND BIBI W/o- Mangal Khan and JAEDA KHATUN W/o- Sekha Mangal, D/o- Abdul is one and same person and all above documents are mine.

**JAEDA KHATUN**


# କିଶୁ ଚରଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି କିଶୁ ଚରଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ସେଠୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମା ଧାମରାଇ ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓଷ୍ଟାର ପୂର୍ବତନ ସମ୍ପାଦକ ଉପେନ୍ଦ୍ର ପ୍ରସାଦ ପାଢ଼ୀ । ସି ଆର ସି ସି ରାମକୃଷ୍ଣ ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥି ଶିକ୍ଷା, ସାହିତ୍ୟ, କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଶିକ୍ଷକ ନିରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ସୁବଳ କୁମାର ଦାସ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ମଧୁସୂଦନ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଟୁଟୁନା ସାହୁ ଏହି ଉତ୍ସବରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ଶିକ୍ଷକ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ମହାପାତ୍ର, ଦିଲ୍ଲୀପ ସେନାପତି, ତାପସ ମାରାଣ୍ଡି, ଅନିଷା ଦାସ ମହାପାତ୍ର,ଶିବାନୀ ମହାନ୍ତି, ସସ୍ମିତା ମାଝୀ, ମମତା ଦାସ, ଶୁକଦେବ ତରାଇ,ଶୁଭଶ୍ରୀ ଜେନା, ବିଶ୍ୱ ମୋହନ ଜେନା,ପ୍ରେମଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ଓ ଆକର୍ଷଣୀୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳ...

ହୋଇଯିବ ବୋଲି ଦକ୍ଷିଣାଞ୍ଚଳ ଡିଆଇଜି କହିଛନ୍ତି। ଏହି ୪ ଜଣ ମାଓବାଦୀମାନେ ନିଜନିଜର ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ପୁଲିସ ହାତରେ ଅର୍ପଣ କରି ନିଜେ ଆତ୍ମସମର୍ପଣ କରିଥିଲେ। ପୁଲିସ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏମାନଙ୍କଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଯଥା- ଗୋଟିଏ ଏସ୍ଏଲ୍ଆର ରାଇଫଲ, ୨ଟି ୩୦୩ ରାଇଫଲ, ଗୋଟିଏ ବୋରଗନ୍, ୧୬ ରାଉଣ୍ଡ ଏସ୍ଏଲ୍ଆର ଗୁଳି, ୨୨ ରାଉଣ୍ଡ ୩୦୩ ଗୁଳି, ୪ ରାଉଣ୍ଡ ବୋରଗନ୍ ଗୁଳି, ୨ଟି ୱେୟାରଲେସ୍ ସେଟ୍, ୨ଟା ଆଲୁମିନିୟମ ଡେକ୍‌ଚି, ବାସନକୁସନ, ଔଷଧ, ମାଓପତ୍ରିକା, ପଲିଥିନ ସିଟ୍, ହାଭରସ୍ୟାକ ପୋଷାକ, କମ୍ବଳ, ଶୀତବସ୍ତ୍ର, କଲମ, ଟର୍ଚ୍ଚ, ବ୍ୟାଟେରି ଚାର୍ଜର, ସୋଲାର ପ୍ଲେଟ୍, ବ୍ୟାଟେରି, ଛତା, ଜୋତା ଆଦି ପୁଲିସ ଜବତ କରିଛି। ଓଡ଼ିଶା ପୁଲିସର ନିୟମିତ କମ୍ବିଂ ଅପରେସନର ମୁକାବିଲା କରି ନପାରି ଏବଂ ସରକାରଙ୍କ ପୁନର୍ବାସ ଥଇଥାନ ପ୍ୟାକେଜ୍ ପ୍ରତି ଆକର୍ଷିତ ହୋଇ ଆତ୍ମସମର୍ପଣ କରିଛନ୍ତି ବୋଲି ମହିଳା ମାଓବାଦୀ ମୁଚାକି ଓ ଚୋମାଲି ଗଣମାଧ୍ୟମକୁ କହିଛନ୍ତି। ହିଂସାର ପଥ ଛାଡ଼ି ଅନ୍ୟ ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତକୁ ଚାଲି ଆସନ୍ତୁ ବୋଲି ଆତ୍ମସମର୍ପଣ କରିଥବା ୪ ମାଓବାଦୀ ନିବେଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କନ୍ଧମାଳ ଜିଲ୍ଲାରେ କେକେବିଏନ୍ ମାଓ ଡିଭିଜନ ଏବଂ ବିଜିଏନ୍ ମାଓ ଡିଭିଜନ ସକ୍ରିୟ ରହିଛି। କନ୍ଧମାଳର ଜଙ୍ଗଲରେ ୫୦ରୁ ୬୦ ମାଓବାଦୀ ଥିବାନେଇ ଦକ୍ଷିଣାଞ୍ଚଳ ଡିଆଇଜି ନିତି ଶେଖର ସୂଚନା ଦେଇଛନ୍ତି।

### ଚିଟଫଣ୍ଡ ଜମାକାରୀଙ୍କ...

ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାରି ରହିବ ବୋଲି ବିଜ୍ଞାପନ ଜରିଆରେ ସରକାର ସୂଚନା ଦେଇଛନ୍ତି। ପୂର୍ବରୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଜାନୁୟାରି ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ତେବେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରସ୍ତ ପାଇନାହାନ୍ତି। ତେଣୁ ଅବଶିଷ୍ଟ ଜମାକାରୀଙ୍କ ସୁବିଧା ପାଇଁ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜମାକାରୀମାନେ ନିଜର ସମସ୍ତ ଡକ୍ୟୁମେଣ୍ଟ ଦେଖାଇ ଟଙ୍କା ଫେରିପାଇବେ। ଜମାକାରୀମାନେ ନିଜ ଜିଲ୍ଲାର ସରକାରୀ ୱେବ୍‌ସାଇଟ୍ ଏବଂ www.opid.odisha.gov.inରେ ସେମାନଙ୍କ ନାମ, ଆବେଦନ ନମ୍ବର, ସତ୍ୟପାଠ ନମ୍ବର ଦେଇ ସେମାନଙ୍କ ଆବେଦନପତ୍ରର ସ୍ଥିତି ଜାଣିପାରିବେ। ଅର୍ଥ ବିଭାଗର ଏହି ବିଜ୍ଞାପନ ଜମାକାରୀଙ୍କୁ ଆଶ୍ୱସ୍ତି ଦେଇନାହିଁ ବରଂ ଦ୍ୱନ୍ଦ୍ୱରେ ପକାଇଛି। ସରକାରଙ୍କ ଉପରେ ଆଉ ଭରଷା ନଥିବା କହିଛନ୍ତି ଜମାକାରୀ।

### ମାସେ ନପୁରୁଣୁ ...

କୋର୍ଟ କାର୍ଯ୍ୟ ଆରମ୍ଭ ହେଉ ହେଉ ଏକ ଅଜଣା ମେଲ୍ ଆଇଡିରୁ ଚାରି କୋର୍ଟକୁ ଆସିଥିଲା ବୋମା ଧମକ । ମେଲ ଦେଖୁ ଦେଖୁ ପୁଲିସକୁ ଖବର ଦେଇଥିଲେ କୋର୍ଟ କର୍ତ୍ତୃପକ୍ଷ। ପହଁଚିଥିଲା ପୁଲିସ୍। ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ କୋର୍ଟ ପରିସରରେ ତନ ତନ କରି ଯାଂଚ କରିଥିଲେ। ସଶସ୍ତ୍ର ପୁଲିସ ବଳ ନିୟୋଜିତ କରାଯାଇଥିଲା । ଭୟରେ କୋର୍ଟ ଭିତରୁ ବାହାରକୁ ଚାଲି ଆସିଥିଲେ ଆଇନଜୀବୀ ଓ ଅନ୍ୟମାନେ। ଯାଂଚରୁ କିଛି ମିଳିନଥିଲେ ବି ସମସ୍ତେ ଭୟଭୀତ ଥିବା ବାରି ହୋଇ ପଡିଥିଲା । ପୂର୍ବରୁ ଜାନୁଆରି ୮ତାରିଖରେ କଟକ, ସମ୍ବଲପୁର, ଦେବଗଡ଼ କୋର୍ଟକୁ ଆସିଥିଲା ବୋମା ଧମକ। ସେତେବେଳେ ସାରାରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ପୁଲିସ ଡିଜି ନିଜେ କଟକ କୋର୍ଟ ପାଖକୁ ଯାଇ ନିଜେ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ଉଚ୍ଚଅଧିକାରୀଙ୍କ ସହ ବୈଠକ କରି ସମୀକ୍ଷା କରିଥିଲେ। କିନ୍ତୁ ବିଡମ୍ବନା, ବ୍ୟବସ୍ଥାର ଗଳା ବାଟ ଯୋଗୁଁ ମାସେ ପରେ ବି ଅଭିଯୁକ୍ତ ପାଖରେ ପହଁଚିବାରେ ବିଫଳ ହୋଇଛି ପୁଲିସ୍ । ପ୍ରଶ୍ନ ଉଠୁଛି, ଆମେ ଯେତେବେଳେ ଡିଜିଟାଲ ଭାରତ କଥା କହୁଛୁ, ସେତେବେଳେ ସାମାନ୍ୟ ମେଲ୍‌ଟି କିଏ ପଠାଇଛି, ତାହା ଆମେ ଜାଣିପାରୁନୁ ? ସାଇବର ପୁଲିସ ଠାବ କରିପାରୁନି କେଉଁଠୁ ଆସିଛି ମେଲ୍ କୋର୍ଟ ପରିସରର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ବି ପଦାରେ ପଡିଛି ।

### ଚଳିତମାସ ତୃତୀୟ ...

କାରଣ ଭାରତ ଓ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ରାଫେଲ ଜେଟ୍ କ୍ରୟ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ । ଚୁକ୍ତିରେ ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଲଢୁଆ ବିମାନ କିଣିବା ପାଇଁ ଡିଲ୍ ହୋଇପାରେ । ସୂଚନା ଅନୁଯାୟୀ, ଭାରତର ପ୍ରତିରକ୍ଷା ଅଧିଗ୍ରହଣ ବୋର୍ଡ ଗତ ମାସରେ ଏହି ପ୍ରସ୍ତାବକୁ ପ୍ରାଥମିକ ଅନୁମୋଦନ ଦେଇଥିଲା ଏବଂ ଆସନ୍ତା ସପ୍ତାହରେ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ଆଶା କରାଯାଉଛି । ଭାରତୀୟ ବାୟୁସେନାର ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଚୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତ ଭାବୁଛି । ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟର ଓ ୨୬ଟି ଟୁଇନ୍-ସିଟର ଏୟାରକ୍ରାଫ୍ଟ କିଣିବ।

### ଶିମିଳିପାଳରେ ରାଷ୍ଟ୍ରପତି ...

ପାଇପାରିବା ସହ ଏହି ଅଞ୍ଚଳର ପାଠ ପଢୁଥିବା ଛାତ୍ରଛାତ୍ରୀ ବର୍ତ୍ତମାନ ଇଣ୍ଟରନେଟ ଦ୍ୱାରା ଅଧିକ ପଢିବାର ସୁଯୋଗ ପାଇବେ ଏବଂ ଶିକ୍ଷିତ ଯୁବବର୍ଗଙ୍କ ପାଇଁ ମଧ୍ୟ ଏହା ବେଶ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶା ବ୍ୟକ୍ତ କରିଛନ୍ତି । ସେହିପରି ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଆଦିବାସୀଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ କରିଛନ୍ତି । ଏହା ସହ ଅଧିକ ବୃକ୍ଷରୋପଣ କରି ଜଙ୍ଗଲ ପରିସର ବୃଦ୍ଧି କରିବାକୁ ମଧ୍ୟ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉପସ୍ଥିତ ଆଦିବାସୀ ମହିଳା ଓ ଯୁବ ବର୍ଗଙ୍କ ସହ ଭାବବିନିମୟ କରିଛନ୍ତି । ବିଶେଷକରି ଛାତ୍ରଛାତ୍ରୀଙ୍କ ସହ ଭାବ ଆଦାନପ୍ରଦାନ ସମୟରେ ଉଚ୍ଚଶିକ୍ଷା କରିବା ସହିତ ବର୍ତମାନର ପ୍ରତିଯୋଗୀତା ମୂଳକ ସମୟରେ ଶିକ୍ଷା ଲାଭପରେ ନିଜର ପ୍ରଚେଷ୍ଟା ଜାରି ରଖି

# ପିଏମ୍ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ 'ବାର୍ଷିକ ଉତ୍ସବ' ପାଳିତ

ବେତନଟୀ, ୬/୨ (ନି.ପ୍ର): ଶୁକ୍ରବାର ଦିନ ପି ଏମ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସମସ୍ତ ଅତିଥିଙ୍କୁ ସସମ୍ମାନେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅର୍ଜୁନ ସିଂ ଓ ଏନ ସି ସି ଶିକ୍ଷକ ପ୍ରକାଶ କୁମାର ଗିରି ସ୍ୱାଗତ କରିଥିଲେ । ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ଏହି ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ସନାତନ ବୁଜୁଲି, ମୁଖ୍ୟ ବ୍ୟକ୍ତା ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ପଂଚାୟତ ସମିତି ସଭ୍ୟ ରଣଜିତ କୁମାର ସିଂ, ଯୁବ ନେତା ଜୀବନ କୁମାର ପରିଡା, SMC ଉପସଭାପତି ଟୁନି ପ୍ରଧାନ, **Alumni** ସଭାପତି ଜୟନ୍ତ କୁମାର ପଟ୍ଟନାଏକ ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ଶିକ୍ଷକ ସୁବୋଧ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସମସ୍ତ ଅତିଥିଙ୍କୁ ମଞ୍ଚାସୀନ କରାଇଥିଲେ । ସଂସ୍କୃତ ଶିକ୍ଷକ ରାଜକମଲ ସତୁଆ ବେଦମନ୍ତ୍ର ପାଠ କରିଥିଲେ । ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ମାଧ୍ୟମରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଶିକ୍ଷକ ନିରୋଜ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସୁବୋଧ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ଶୃଙ୍ଖଳା ଓ ସାଂସ୍କୃତିକ ଚେତନାକୁ ବିକାଶ କରିବା ଉପରେ ଅତିଥି ମାନେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦେଶଭକ୍ତିମୂଳକ ନୃତ୍ୟ, ଓଡ଼ିଆ ସଂସ୍କୃତି ଭିତ୍ତିକ ନାଟକ, ଗୀତ ଓ ଆଧୁନିକ ନୃତ୍ୟ। ପ୍ରତ୍ୟେକ ପ୍ରଦର୍ଶନୀ ଦର୍ଶକମାନଙ୍କ ମଧ୍ୟରେ ଭାରି ପ୍ରଶଂସା ପାଇଥିଲା। ଏହି ଅବସରରେ ବିଭିନ୍ନ ପରୀକ୍ଷା, କ୍ରୀଡା ଓ ସହ-ପାଠ୍ୟକ୍ରମୀୟ କାର୍ଯ୍ୟକଳାପରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଥିଲା। ମୁଖ୍ୟ ଆକର୍ଷଣ ଥିଲା ଶିକ୍ଷୟିତ୍ରୀ ଆରତୀ ଟୁଡୁଙ୍କ ଝୁମର ସଂଗୀତ । ସମଗ୍ର କାର୍ଯ୍ୟକ୍ରମ ଶୃଙ୍ଖଳାବଦ୍ଧ ଓ ସଫଳ ଭାବେ ସମ୍ପନ୍ନ ହୋଇ PM SHRI MPC High School ର ଉଚ୍ଚ ମାନ ଓ ଗୌରବକୁ ପ୍ରତିଫଳିତ କରିଥିଲା ।ଏହି ଆୟୋଜନ ର ମୁଖ୍ୟ ଉଦେଶ୍ୟ ଥିଲା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ସୃଷ୍ଟି କରିହେବ, ଶୃଙ୍ଖଳା ଜ୍ଞାନ ବୃଦ୍ଧି କରାଯାଇପାରିବ ଏବଂ ବିଭିନ୍ନ କ୍ଷେତ୍ର ରେ ଯେପରିକି ଧନ୍ଦା ମୁଳକ ଶିକ୍ଷା ଗୁଡିକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ରେ କିପରି ସ୍ୱାବଲମ୍ବୀ କରାଯାଇପାରିବ । ଶିକ୍ଷକ ପ୍ରକାଶ କୁମାର ଗିରି ପୁରସ୍କାର ବିତରଣୀ ଉତ୍ସବ କୁ ପରିଚାଳନା କରିଥିଲେ । ୨୦୨୪ - ୨୫ ଶିକ୍ଷା ବର୍ଷ ରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ହାଇସ୍କୁଲ ପରୀକ୍ଷା ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅଲିଭା ରାଉତଙ୍କୁ ଶ୍ରୀ ବିଦ୍ୟାଧର ମେମୋରିଆଲ scholarship ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବାର୍ଷିକ ଉତ୍ସବରେ **SMC** କମିଟି ର ସମସ୍ତ ସଦସ୍ୟ, ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ କୁମାର ମହାନ୍ତ, ସୁବୋଧ କୁମାର ସାହୁ, ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ,ଅଜୟ କୁମାର ବାରିକ୍, ସୌରଭ କୁମାର୍ ନନ୍ଦ, ସୁନିଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱୀନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ, ଅଞ୍ଜଳି ମହାନ୍ତି,ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ,ହେମନ୍ତ ମହାନ୍ତ ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

୦୭ ଫେବୃଆରୀ ୨୦୨୬, ଶନିବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ ଉଦ୍‌ଯାପିତ: ଓଡ଼ିଆ ନାଟକ ବେଗମ ମଞ୍ଚସ୍ଥ

ପାରାଦୀପ, ୬/୨ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ, ପାରାଦୀପର ସହଯୋଗରେ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବର' ୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର କଳାକାର ମାନେ ସଞ୍ଜୟ ଶାହଙ୍କ ନିର୍ଦ୍ଦେଶନାରେ ପ୍ରମୋଦ ତ୍ରିପାଠୀଙ୍କ ଲିଖିତ ଓଡ଼ିଆ ନାଟକ ବେଗମ୍ ମଞ୍ଚସ୍ଥ କରିଥିଲେ । ଆମର ସାମାଜିକ ବ୍ୟବସ୍ଥା ବହୁତ୍ ଅଦ୍ଭୁତ । ଏହି ସମାଜ କେତେବେଳେ କାହାକୁ ସମାଲୋଚନା କରେ ତ କେତେବେଳେ କାହାକୁ ପୁରସ୍କୃତ କରେ । ଲୋଭ ଓ ଲାଭ ପାଇଁ ଲୋକମାନେ କେତେବେଳେ ସାମାଜିକ ବ୍ୟବସ୍ଥାର ପ୍ରତୀକକୁ ଫୁଙ୍କି ଦିଅନ୍ତି । ଆଜିର ମଣିଷ ଏହି କଥା ଭାବିବାକୁ ବାଧ୍ୟ ହୁଏ ଯେ ଯଦି ତାଙ୍କ ଆଗରେ ବହୁତ୍ ଟଙ୍କା ରଖା ଯାଏ ତେବେ ସେ ସାପ ପରି ନିଜର ରଙ୍ଗ ବଦଳାଇଦେବ । ସେଥିପାଇଁ ପୂଜାସ୍ଥଳ, ସ୍କୁଲ, ଆଇନ ପ୍ରବର୍ତ୍ତନ ଅଧିକାରୀ, ଗାଁର ବୟସ୍କ ବ୍ୟକ୍ତି କିମ୍ବା ଗାଁର ମୁଖିଆ ଏପରି ଚିନ୍ତାଧାରାରେ ମତ୍ତ ହୋଇଯାଆନ୍ତି । କେବଳ ସେମାନେ ଜାଣନ୍ତି ଯେ ଶୋଷଣ ଏବଂ ଲୋଭ ଦ୍ୱାରା ସେମାନେ କଣ ପାଇବେ । ସେଥିପାଇଁ ବେଗମ୍ ଶବ୍ଦର ବ୍ୟବହାର କରାଯାଇଛି । ଓଡ଼ିଆ ତଥା ଏକ ଭିନ୍ନ ସ୍ୱାଦର ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ଉଦଯାପନୀ ସନ୍ଧ୍ୟାରେ ଅତିଥି ମାନେ କଳାକାର ମାନଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ କାନମାସର ନାଟକକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ ।



## ଇତିହାସ ବିଭାଗ ତରଫରୁ ଆଲୋଚନାଚକ୍ର

### ଦେଶରେ କିଛି କିରାଣି ଓ ପିଅନ ସୃଷ୍ଟିଥିଲା ଇଂରେଜ ସରକାରଙ୍କ ଶିକ୍ଷାନୀତି : ମଂଜୁଳା କଳିଆ



ଉଦଳା, ୬/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ 'ଇଂରେଜ ସରକାରଙ୍କ ଶାସନ ସମୟରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ସ୍ୱାଧିନତା ପୂର୍ବରୁ ଇଂରାଜୀ ଭାଷା ଶିକ୍ଷା ବିରୁଦ୍ଧରେ ଆନ୍ଦୋଳନ ମୁଣ୍ଡ ଟେକୁଥିଲା । କିନ୍ତୁ ସ୍ୱାଧିନତା ପରେ ଯେଉଁଭଳି ଭାବରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂଖ୍ୟା ବଢ଼ି ଚାଲିଛି ଓ ଇଂରାଜୀ ଭାଷାର ଆଦର ବଢ଼ିବାରେ ଲାଗିଛି , ଆଉକିଛି ବର୍ଷ ପରେ ଆମ ମାତୃଭାଷା 'ଓଡ଼ିଆ' ବଂଚିବକି ମରିଯିବ ତାହା ଚିନ୍ତାର ବିଷୟ ପାଲଟିଗଲାଣି ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମଂଜୁଳା କଳିଆ ମଂଚ ପରିଚାନଳା ଦାୟିତ୍ୱ ତୁଲାଇବା ସହ ଦେଶରେ କିଛି କିରାଣି ଓ ପିଅନ ସୃଷ୍ଟି କରି ଶାସନକାର୍ଯ୍ୟ ସୁରୁଖରୁରେ ଚଳାଇବା ପାଇଁ ଇଂରେଜ ସରକାର ଶିକ୍ଷାନୀତି ପ୍ରସ୍ତୁତ କରିଥିଲେ ବୋଲି ବକ୍ତବ୍ୟରେ କହିଥିଲେ । ନୁଦଢ଼ି ହାସ୍ଥିତ ମେଘାସନ ମହାବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଇଂରେଜ ଶାସନକାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ରୀ ବିଦ୍ୟୁସ୍ମିତା, ଆଶାଜ୍ୟୋତି, ମନସ୍ମୁତି ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରବିନାରାୟଣ ମହାପାତ୍ର ଓ ଅଧ୍ୟାପିକା ଅନୁରାଧା କବାଟ ତାଙ୍କର ବକ୍ତବ୍ୟରେ ଓଡ଼ିଶାର ପାଠ୍ୟ ଖସଡ଼ାରେ ଥିବା ବୈଦିକ ଗଣିତକୁ ଇଂରେଜ ସରକାର ସମ୍ପୂର୍ଣ୍ଣ ବାଦ ଦେଇଥିଲେ । ପାଶ୍ଚାତ୍ୟ ଶିକ୍ଷା ଅଧ୍ୟୟନ ପାଇଁ ବାଧ କରୁଥିଲେ ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପକ ରାଜେଶ କୁମାର ମୁଦୁଲି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିଲ୍ଲୀ ପବ୍ଲିକ ସ୍କୁଲ ଗ୍ଲୋବାଲର ଚତୁର୍ଥ ବର୍ଷ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ 'ସିଦ୍ଧି':୨୦୨୬ ଅନୁଷ୍ଠିତ

ବାରିପଦା, ୬/୨ (ନି.ପ୍ର): ସ୍ଥାନୀୟ ମହୁଲିଆ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ଗ୍ଲୋବାଲ (ଡି.ପି.ଏସ.ଜି )ର ଚତୁର୍ଥ ବର୍ଷ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ 'ସିଦ୍ଧି ':୨୦୨୬ ବିଦ୍ୟାଳୟ ପରିସରରେ ଅଧକ୍ଷା ଡ.ପୁଷ୍ପା ପାତ୍ରଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଅ ବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଏମ ପି ସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ.ବନଜା ମହାନ୍ତି,ମୁଖ୍ୟ ବକ୍ତା ଏମ.ଏସ. ସି. ବି ୟୁନିଭର୍ସିଟିର ପ୍ରାକ୍ତନ ଏନ.ଏସ.ଏସ.ଜିଲ୍ଲା ସଂଯୋଜିକା ଉଷା ଶତପଥୀ , ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସୁନିଲ କୁମାର ଜେନା ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇ ପ୍ରତ୍ୟେକ ବିଦ୍ୟାଳୟ ତାର ଶିକ୍ଷାଦାନ ,ଶିକ୍ଷଣ ଓ ପାଠ୍ୟକ୍ରମ ଆଦାନ ପ୍ରଦାନ ପ୍ରକ୍ରିୟାର ଯଥାର୍ଥ ଆକଳନ ନିମନ୍ତେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ଅପରିହାର୍ଯ୍ୟ ଓ ଏହାଦ୍ୱାରା ଅଧୟନ ରତ ଛାତ୍ରଛାତ୍ରୀ ମାନେ ନିଜ ଦକ୍ଷତାର ଉତ୍କର୍ଷତା ସମ୍ପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ପିତାମାତା ଓ ଅଭିଭାବକ ଅଭିଭାବିକା ଆଦି ନିଜ ନିଜ ସନ୍ତାନ - ଲାଳନପାଳନ ସାମର୍ଥ୍ୟ ଓ ଶୃଙ୍ଖଳା ଶିକ୍ଷା ସମ୍ପର୍କରେ ଅବଗତ ହୋଇ ପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ପରିବାର ଓ ବିଦ୍ୟାଳୟର ମିଳିତ ପ୍ରଚେଷ୍ଟା ହିଁ ଆଜିର ଶିଶୁ ମାନଙ୍କୁ ଆଗାମୀର ଯଥାର୍ଥ ନାଗରିକ କରି ଗଢି ତୋଳିବାର ପ୍ରକୃଷ୍ଟ ଭିତ୍ତି ଭୂମି ବୋଲି ଅଭିମତ ରଖିଥିଲେ ।ପ୍ରାରମ୍ଭରେ ଅଧ୍ୟାପକ ଜିତେନ୍ଦ୍ର ପାଲଙ୍କ ଅତିଥି ପରିଚୟ ପ୍ରଦାନ ପରେ ଅଧକ୍ଷାଙ୍କ ସ୍ୱାଗତ ଅଭିଭାଷଣରେ ସଭା ଉଦ୍ଘାଟିତ ହୋଇଥିଲା ।ପ୍ରାକ୍ତନ ଅଧକ୍ଷ ସଞ୍ଜୟ କୁମାର ସେନ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ।୨୦୨୫-୨୬ ଶିକ୍ଷା ବର୍ଷରେ ସାମଗ୍ରିକ ଦକ୍ଷତାର ଶ୍ରେଷ୍ଠ ବିବେଚିତ ଚାରିଜଣ ଶିକ୍ଷାର୍ଥୀ ଖୁସଜିତ୍ ମହାନ୍ତ , ଯତିନ୍ଦ୍ର ସିଂହ, ସ୍ୱିଟି ମୁର୍ମୁ ଏବଂ ସୁବାସିନୀ ସେନାପତି ତଥା ଶୈକ୍ଷିକ ଦକ୍ଷତା ନିମନ୍ତେ ନିହାର ରଞ୍ଜନ ଧଳ ଓ ବିଗତ ଶିକ୍ଷାବର୍ଷର ଇଂରାଜି ଓ ଗଣିତ ଆଲମ୍ପିଆଡ ପରୀକ୍ଷାରେ ପ୍ରଥମ ବିବେଚିତ ଛାତ୍ରି ପୂର୍ବଜା ମଣ୍ଡଳଙ୍କୁ 'ସିଦ୍ଧି -୨୦୨୬ 'ବିଶେଷ ସମ୍ମାନ ସହ ପଦକ ଅର୍ପଣ ପୂର୍ବକ ସମ୍ମାନିତ କରା ଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶନା ପରିଷଦ ତରଫରୁ ପ୍ରତ୍ୟେକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବିଦ୍ୟାଳୟର ପ୍ରଗତି ଦିଗରେ ସେମାନଙ୍କ ସାଧନା ଓ ଏକାଗ୍ରତା ହେତୁ ସ୍ମାରକ ଅର୍ପଣ ପୂର୍ବକ ସମ୍ମାନିତ କରାଯାଇଥିଲା ।ପରେ ପରେ ବିଭିନ୍ନ ସହପାଠ୍ୟ କାର୍ଯ୍ୟାବଳିରେ ଉତ୍କର୍ଷତା ପ୍ରତିପାଦନ କରିଥିବା କୃତି ଚାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ ପରିଷଦର ଉପ ସଭାପତି କୁମୁଦିନୀ ଲିମାଙ୍କ ଧନ୍ୟବାଦ୍ ଅର୍ପଣରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସର୍ବ ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ପରିବେଷଣ ହୋଇଥିଲା।



## ସ୍କୁଲ ଛାତ୍ରଛାତ୍ରୀଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' ଦେଖିଲେ ରାଜ୍ୟପାଳ

ଭୁବନେଶ୍ୱର, ୬/୨ (ନି.ପ୍ର): ଶୁକ୍ରବାର ଦିନ ଲୋକଭବନର ସମ୍ମିଳନୀ କକ୍ଷରେ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଦେଖିଥିଲେ। ୪୫ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରୀକ୍ଷା ଚାପ ପରିଚାଳନା, ପ୍ରସ୍ତୁତିରେ ଧ୍ୟାନ ବଜାୟ ରଖିବା ଏବଂ ଆତ୍ମବିଶ୍ୱାସ ରଖିବା ଇତ୍ୟାଦି ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ମୂଲ୍ୟବାନ ପରାମର୍ଶ ଦେଇଥିଲେ।

## ପି ଏମ ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ସର୍କଲ ପ୍ରଦର୍ଶନୀ ଅନୁଷ୍ଠିତ



ବଡ଼ସାହି, ୬/୨ (ନି.ପ୍ର): ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପି ଏମ ଶ୍ରୀ ଦେଉଳିଆ ଉଚ୍ଚ ବିଦ୍ୟାଳୟ ପରିସରରେ 'ସାଇନ୍ସ ସର୍କଲ' ଓ 'ମେଥମେଟିକ୍ସ ସର୍କଲ'ର ଏକ ବାର୍ଷିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଣବ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ଲେଙ୍କା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରୁଣିଆର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନ ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ଗଣିତ ଭିତ୍ତିକ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଣିତ ସର୍କଲ ଅଧୀନରେ ୧୪ଟି ଏବଂ ସାଇନ୍ସ ସର୍କଲ ଅଧୀନରେ ୧୪ଟି, ସର୍ବମୋଟ ୨୮ଟି ଶିକ୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ଗଠିତ ବିଚାରକ ମଣ୍ଡଳୀରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାମନ୍ତରାୟ, ସିଙ୍ଗଟିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଏବଂ ହେମପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚନ୍ଦନ ଦାସ,ତପନ ଓଝା ଶିକ୍ଷକ ଜନତା ଉଚ୍ଚ ବିଦ୍ୟାଳୟ ଗରଡିହି, ଦୋଳ ଗୋବିନ୍ଦ ତ୍ରିପାଠୀ ଶିକ୍ଷକ ଛେଳିଆ ଉଚ୍ଚ ବିଦ୍ୟାଳୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ଭୂୟସୀ ପ୍ରଶଂସା କରିଥିଲେ। ବିଚାରକଙ୍କ ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ସର୍କଲରୁ ଶ୍ରେଷ୍ଠ ୩ଟି ଲେଖାଏଁ ଗ୍ରୁପ୍‌କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

## ହଳଦୀପଦା ରେଳ ଷ୍ଟେସନରେ ମାର୍ବଲ ବସାଇବାରେ ଅନିୟମିତତା

ବସ୍ତା, ୬/୨ (ନି.ପ୍ର): ଦକ୍ଷିଣପୂର୍ବ ରେଳବାଇର ବାଲେଶ୍ୱର ଓ ରୂପସା ମଧ୍ୟବର୍ତ୍ତୀ ହଳଦୀପଦା ଷ୍ଟେସନର ମରାମତି ବା ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଏହାର ଗୁଣାତ୍ମକ ମାନ ପ୍ରତି ବିଭାଗୀୟ କର୍ମକର୍ତ୍ତା ନଜର ଦେଉ ନଥିବା ଦେଖାଯାଉଛି। ଏବେ ଷ୍ଟେସନରେ ମାର୍ବଲ ବସାଯିବା କାର୍ଯ୍ୟ ଚାଲୁରହିଛି। ମାତ୍ର ଏଥିରେ ସିମେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ମିଶ୍ରଣରେ ପ୍ରବଳ ଖଇଚ। କାମ ହେଉଛି।ଏପରିକି ମାର୍ବଲ ବସାଇବାରେ ୨୫ ଶତାଂଶ ସିମେଣ୍ଟ ସହ କାଦ ଭଳି ସାମଗ୍ରୀ ୭୫ ଶତାଂଶ ପ୍ରୟୋଗ କରି କାର୍ଯ୍ୟ ହେଉଥିବାରୁ ଏହାର ସ୍ଥାୟୀତ୍ୱ ଘେନି ସଂଶୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ହଳଦୀପଦା ପ୍ରଗତି ମଞ୍ଚର ସଭାପତି ବିଶ୍ୱଜିତ ସାମଲ ଓ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି, ପ୍ରାକ୍ତନ ସରପଞ୍ଚ ରାଧାକୃଷ୍ଣ ଜେନା,ସୁଦର୍ଶନ ନାୟକ,ବୃହସ୍ପତି ଦାସ ସମେତ ମଞ୍ଚ ସଦସ୍ୟବୃନ୍ଦ ଦେଖି ପ୍ରତିବାଦ କରିବାରୁ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କାର୍ଯ୍ୟଗ୍ରାହୀ କହିଛନ୍ତି। କିନ୍ତୁ ଏ ପ୍ରକାର କାମ ବନ୍ଦ ନ ହୋଇ ଚାଲୁ ରହିଛି। ଏଥିନେଇ ସାଧାରଣରେ ଉଦବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି।

## ମହିଳାଙ୍କ ଘରେ ପଶି ଦୁଷ୍କର୍ମ

ବାଲିଆପାଳ , ୬/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଞ୍ଚଳରେ ଲଜ୍ୟା ଜଣକ ଘଟଣା। ୪ ଜଣ ଯୁବକଙ୍କ ଦ୍ୱାରା ଗଣ ଦୁଷ୍କର୍ମ ର ଶିକାର ହେଲେ ମହିଳା। ଜୀବନ ବଞ୍ଚାଇବାକୁ ଯାଇ ଚାରିଦିନ ପରେ ଥାନା ରେ ଅଭିଯୋଗ। ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ। ସୂଚନା ଅନୁସାରେ ମହିଳା ଜଣକ ଘରେ ଏକୁଟିଆ ରହୁ ଥିବା ବେଳେ ତାଙ୍କର ସ୍ୱାମୀକୁ ମିଥ୍ୟା କେଶ ରେ ଅବକାରୀ ବିଭାଗ ଗିରଫ କରି କୋଟ ଚାଲାଣ କରାଯାଇ ଥିବା ବେଳେ ଏହାର ସୁଯୋଗ ନେଇ ୪ ଜଣ ଯୁବକ ମହିଳାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ମହିଳା ଜଣକ ଘଟଣା ର ପଞ୍ଚ ଦିନ ପରେ ବାଲିଆପାଳ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଶନିବାର ଦିନ ଘଟଣା ଘଟିଥିବା ବେଳେ ପୀଡିତା ଙ୍କୁ ଦୁଷ୍କର୍ମ କାରି ମାନେ ଧମକ ପରେ ଧମକ ଦେଇଥିଲେ। ଏବଂ ପ୍ରକାଶ କଲେ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏଥିରେ ପୀଡିତା ଜଣକ ଭୟ ଭୀତ ହୋଇ ରାତି ରେ ନିଜର ସ୍ୱାମୀ ରହୁଥିବା ସ୍ଥାନକୁ ଚାଲିଯାଇ ସ୍ୱାମୀର ସହଯୋଗ କ୍ରମେ ଗତ ବୁଧବାର ଦିନ ବାଲିଆପାଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ କରିବାର ତିନି ଦିନ ବିତିଯାଇଥିଲେ ମଧ୍ୟ, ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣ ରେ ଚର୍ଚ୍ଚା ଲାଗିରହିଛି।

## କେ.କେ.ଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ




ଭଦ୍ରକ, ୬/୨ (ନି.ପ୍ର): ବରପଦା ନିକଟସ୍ଥ କୁସୁନଗରସ୍ଥିତ କମଳା କିଶୋରୀ ରାଉତ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଡାକ୍ତର ଡା. ମନୋରଂଜନ ମୁନା ଉକ୍ତ ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟିତ ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା ସଭାରେ ଡାକ୍ତର ମୁନା ସ୍ୱାସ୍ଥ୍ୟ ସମ୍ପର୍କୀତ ଉପାଦେୟ ସଚେତନ ବାର୍ତ୍ତା ପ୍ରଦାନ କରି ଉପସ୍ଥିତ ସମସ୍ତ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ତଥା ସ୍ଥାନୀୟ ଅଂଚଳର ପ୍ରାୟ ପାଂଚଶହ ଶିଶୁ, ପୁରୁଷ ଓ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କର ରକ୍ତ ଶର୍କରା, ହିମୋଗ୍ଲୋବିନ ଓ ବ୍ଲଡଗ୍ରୁପ ପରୀକ୍ଷା ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଲ୍ୟାବ ଟେକନିସିଆନ ଆକାଶ କୁମାର ମହାନ୍ତି (ଏମ.ଏଲ.ଟି) କରିଥିଲେ ଓ ଏଥିରେ ସହଯୋଗ ଏବଂ ଔଷଧ ବଂଟନ କରିଥିଲେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉପସ୍ଥିତ ଶୁଭସ୍ମିତା ସାହୁ, ଦେବସ୍ମିତା ମହାପାତ୍ର, ଶିବିରଟିକୁ ପରିଚାଳନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବରେଡକ୍ରସ ପରାମଶଦାତା ଅଧ୍ୟାପକ ରମେଶ ଚନ୍ଦ୍ର ଖୁଂଟିଆ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବରିଷ୍ଠ ଅଧ୍ୟାପକ ଘନଶ୍ୟାମ ସାହୁ, ବଙ୍କିମ ଚନ୍ଦ୍ର ନାୟକ, ପ୍ରତିଜ୍ଞା ପଣ୍ଡା, ଟି.ବିଜେୟା, ରମେଶ ଚନ୍ଦ୍ର ନାୟକ ଓ କର୍ମଚାରୀ ସୁଦର୍ଶନ ପ୍ରଧାନ ଭରତ ଚନ୍ଦ୍ର ଜେନା, ଛାତ୍ରୀ ତଥା ସ୍ୱେଚ୍ଛାସେବୀ ବିପାଶା ରାଉତ, ଲକ୍ଷ୍ମୀପ୍ରିୟା ମହାପାତ୍ର, ଜ୍ୟୋସ୍ନାରାଣୀ ଗାହାଣ, ପୂଜାରାଣୀ ବାରିକ, ଶୁଭଶ୍ରୀ ସାମଲ, ଜ୍ୟୋସ୍ନାରାଣୀ ଜେନା, ଶୁଭଲକ୍ଷ୍ମୀ ଜେନା ଓ ଉର୍ମିଳା ବେହେରା ସ୍ଥାନୀୟ ବରିଷ୍ଠ ସମାଜସେବୀ ସିଦ୍ଧେଶ୍ୱର ମହାପାତ୍ର ଓ ଅମୂଲ୍ୟ ମହାପାତ୍ର ଉପସ୍ଥିତ ରହି ଉକ୍ତ ଶିବିରଟିର ସଫଳତାର ଭୂୟସି ପ୍ରଶଂସା କରି ଏହି ଅବସରରେ ଅନୁଷ୍ଠିତ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

ପାରାଦୀପ, ୬/୨ (ନି.ପ୍ର): ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ପାରାଦୀପର ବିଜୁ କନଭେନସନ୍ ସେଣ୍ଟର୍ ଠାରେ ୬ ତାରିଖ ଦିନ ୪୧ ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା ୨୦୨୫-୨୬ ଉଦ୍ଘାଟିତ ହୋଇ ଯାଇଛି । ବନ୍ଦର ମୁଖ୍ୟ ଯନ୍ତ୍ରୀ ଓ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଏଚ ଏସ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି ଏଲ ହରନାଧ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ କି ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଶାରିରୀକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡାର ଅନେକ ମହତ୍ତ୍ୱ ରହିଛି । ବନ୍ଦର ଉପାଧକ୍ଷ ଟୀ ବେଣୁଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ରଖିଥିଲେ । ଏହି ପ୍ରତିଯୋଗିତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ଛଡ଼ା ଚେନ୍ନାଇ, ଦିନଦୟାଲ, ମୁମ୍ବାଇ, ନ୍ୟୁ ମାଙ୍ଗାଲୋର, ବିଶାଖାପାଟଣା ଓ ଜବାହର ଲାଲ ନେହେରୁ ବନ୍ଦର ଅଂଶ ଗ୍ରହଣ କରୁଛନ୍ତି । ପ୍ରତିଯୋଗିତାକୁ ସଫଳ କରିବାରେ କ୍ରୀଡ଼ା ସଂସଦର ସମ୍ପାଦକ ଧୁନ ଚନ୍ଦ୍ର ତରାଇ ଓ କର୍ମକର୍ତ୍ତା ମାନେ ଲାଗି ପଡିଛନ୍ତି । ଉଦଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ଦିନଦୟାଲ ବନ୍ଦରକୁ ପରାସ୍ତ କରିଥିଲା ।




## ଦାନ୍ତିଆମୁହାଁ ସାପ୍ତାହିକ ହାଟରୁ ମୋଟରସାଇକେଲ ଚୋରି

ବେତନଟୀ,୬/୨(ନି.ପ୍ର) : ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ସାପ୍ତାହିକ ହାଟରୁ ଏକ ମୋଟରସାଇକେଲ ଚୋରି ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ପୁଲିସ । ଏତଲାକାରୀ ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଝାଡଜାମଦା ଗ୍ରାମର ଗୁରୁଭା ସୋରେନଙ୍କ ପୁଅ ମାଇଶା ସୋରେନଙ୍କ ଅଭିଯୋଗ ମୁତାବକ ସେ ନିଜର ଓଡି-୧୧ଏସି-୨୮୮୭ ନମ୍ବର ବିଶିଷ୍ଟ ମୋଟର ସାଇକେଲ ନେଇ ଗୁରୁବାର ଦାନ୍ତିଆମୁହାଁ ସାପ୍ତାହିକ ହାଟକୁ ପନିପରିବା ଓ ସଉଦାପତ୍ର କିଣାକିଣି କରିବାକୁ ଆସିଥିଲେ । କିଣାକିଣି ସାରି ଫେରିବାପରେ ଗାଡି ରଖିଥ ?ବା ସ୍ଥାନରେ ଗାଡି ପାଇନଥିଲେ। ଆଖପାଖ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ମୋଟରସାଇକେଲର କୌଣସି ଖଜଖବର ମିଳିପାରିନଥିଲା । ଶେଷରେ ମାଇଶାଙ୍କ ଏତଲାମୂଳେ ୫୦ନମ୍ବରରେ ମାମଲା ରୁଜୁ ପରେ ବଡଜାମବଣି ଫାଣ୍ଡିଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ତଦନ୍ତ ଆରମ୍ଭ କରିଛନ୍ତି।

## ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଡ୍ରାଇଭରମାନଙ୍କୁ ମାଗଣାରେ ଚାଷମା ବଣ୍ଟନ

ବସ୍ତା, ୬/୨ (ନି.ପ୍ର): ଶୁକ୍ରବାର ଅମର୍ଦାରୋଡ ଷ୍ଟେସନ ସମ୍ମୁଖରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁଚକିତ୍ସାଳୟ ପକ୍ଷରୁ ମାଗଣା ଚଷମା ବଣ୍ଟନ କରାଯାଇଛି। ସୂଚନା ଥାଉକି ଯେ, ଶୁକ୍ରବାର ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳାୟ ନିର୍ଦ୍ଦେଶକ ଡ: ଆଦିତ୍ୟ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅମର୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ଷ୍ଟେସନ ସମ୍ମୁଖରେ ଏକ ମାଗଣା ଚଷମା ବଣ୍ଟନ କ୍ୟାମ୍ପ ଅନୁଷ୍ଠିତ ହୋଇ ଥିଲା ।ଉକ୍ତ କ୍ୟାମ୍ପ କୋଡ଼ିନେଟର ରଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧନରେ ଅପଟୋ ମେଟ୍ରିକ କିରଣ କୁମାର ନାୟକ, ତପସ୍ୱିନି ପାତ୍ର ଓ ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭରମାନଙ୍କ ପରୀକ୍ଷା ନିରୀକ୍ଷା କରିବା ସହିତ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରି ୧୦୨ ଜଣ ଡ୍ରାଇଭରଙ୍କୁ ପରୀକ୍ଷା କରିଥିବା ବେଳେ ୮୦ ଜଣ ଡ୍ରାଇଭରଙ୍କୁ ମାଗଣା ଚଷମା ବଣ୍ଟନ କରିଥିଲେ ।ଅନ୍ୟମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।ଏପରି ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଉଦ୍ୟମକୁ ସ୍ଥାନୀୟ ଜନସାଧାରଣ ଓ ଡ୍ରାଇଭର ମାନେ ଭୂରି ଭୂରି ପ୍ରଶଂସା କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida